# ବଟି ଆଦାୟ ଅଣାୟତ୍ତ

**ଚଣ୍ଡିଖୋଲ ଆର୍‌ଟିଓ**
- ଅଞ୍ଚଳବାସୀଙ୍କ ୧୭ ଦଫା ଅଭିଯୋଗ
- କଟକ ପରିବହନ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୩।୩**

ଯାଜପୁର ଜିଲାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ବ୍ୟାପକ ଦୁର୍ନୀତି ଚାଲିଛି। କର୍ମଚାରୀମାନେ ଦୀର୍ଘଦିନ ହେଲା ରହି ବେସରକାରୀ ଏଜେଣ୍ଟଙ୍କ ଜରିଆରେ ବେଆଇନ ଭାବେ ଅର୍ଥ ଆଦାୟରେ ମାତିଛନ୍ତି। ପରିବହନ ଅଧିକାରୀ ଉକ୍ତ ବେଆଇନ କାର୍ଯ୍ୟର ଭାଗୀଦାରି ସାଜିଛନ୍ତି। ଅଞ୍ଚଳବାସୀଙ୍କ ଏଭଳି ୧୭ ଦଫା ସମ୍ବଳିତ ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଗତ ୨୦ ତାରିଖରେ କଟକ ପରିବହନ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ତୁରନ୍ତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି।

ଅଭିଯୋଗ ଅନୁଯାୟୀ, ଏହି ପରିବହନ କାର୍ଯ୍ୟାଳୟ ଅଧୀନରେ ହାଇୱା, ଟ୍ରକ୍, ଟ୍ରାକ୍ଟରରେ ଓଭରଲୋଡିଂ ମାଲ୍ ପରିବହନ ସୁରୁଖୁରୁରେ ହେଉଛି। ଗାଡ଼ି ମାଲିକମାନଙ୍କଠାରୁ ମାସିକ ବଟି ଆଦାୟ କରାଯାଉଛି। ଏହି ମର୍ମରେ ସ୍ଥାନୀୟ ଅଞ୍ଚଳବାସୀ ୧୩।୨।୨୦୨୩ରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମେତ ଷ୍ଟିଲ୍ ଓ ମାଇନିଂ ବିଭାଗ ସଚିବ, ଯାଜପୁର ଓ ଢେଙ୍କାନାଳ ଜିଲାପାଳ ପ୍ରମୁଖଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେଥିରେ ଦର୍ଶାଇଥିଲେ ଯେ, ଏହି କାର୍ଯ୍ୟାଳୟରେ ଟ୍ରାଫିକ ଇନ୍ସପେକ୍ଟର ପ୍ରଦୀପ କୁମାର ପଟ୍ଟନାୟକ ୬ ବର୍ଷ, ଆସିଷ୍ଟାଣ୍ଟ ଟ୍ରାଫିକ ସବ୍‌ଇନ୍ସପେକ୍ଟର ଅଭିମନ୍ୟୁ ମହାରଣା ୪ ବର୍ଷ, କନ୍‌ଷ୍ଟେବଲ ସିପାଲିନ ପରିଡ଼ା ୮ ବର୍ଷ ଏବଂ କନ୍‌ଷ୍ଟେବଲ ସଙ୍ଗୀତା ସ୍ୱାଇଁ ୫ ବର୍ଷ ହେଲା ଚାକିରି କରୁଛନ୍ତି। ଫଳରେ ଏମାନେ ସ୍ଥାନୀୟ ଏଜେଣ୍ଟ ଏବଂ ଦୁର୍ନୀତିଖୋର ପୋଲିସ ଅଧିକାରୀଙ୍କ ସହ ଭଲ ଭାବରେ ପରିଚିତ ହୋଇପାରିଛନ୍ତି। ଏହିକ୍ରମରେ ବିଭିନ୍ନ ଚଢାଉ ନୈରାଶ୍ୟଜନକ ହେଉଥିବାବେଳେ ସେମାନେ ମାସିକ ବଟି ଆଦାୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ଅଞ୍ଚଳରେ ମାଲ୍ ପରିବହନ ଗାଡ଼ି ସର୍ବାଧିକ ଚଳାଚଳ କରୁଛି। ଏଠାରେ ଆରଟିଓ ଭାବେ ସମ୍ବିଦ କୁମାର ଯୋଗଦେବା ପରେ ବେସରକାରୀ ଏଜେଣ୍ଟମାନେ ଆହୁରି ସକ୍ରିୟ ହୋଇଛନ୍ତି। ଆର୍‌ଟିଓଙ୍କ ନିର୍ଦ୍ଦେଶ ଅନୁସାରେ ଶିଳ୍ପାଞ୍ଚଳ ଡୁବୁରୀଠାରେ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ଫିଟ୍‌ନେସ୍ ଓ ଟ୍ରାକ୍ସ ପେମେଣ୍ଟ ପାଇଁ କ୍ୟାମ୍ପ କରାଯାଉଛି। ଏହି କ୍ୟାମ୍ପରେ ଟ୍ରାଫିକ ଇନ୍ସପେକ୍ଟର ଏବଂ ଏମ୍‌ଭିଆଇଙ୍କ ନେତୃତ୍ୱରେ ୧୦୦ରୁ ୧୫୦ଟି ଫିଟ୍‌ନେସ୍ ନ ଥିବା ଟ୍ରକ ମାଲିକମାନଙ୍କଠାରୁ ୨ ହଜାର ଟଙ୍କା ଲେଖାଏ ଆଦାୟ ହେଉଛି। ରୋଡ୍ ଟ୍ୟାକ୍ସ ଓ ବୀମା ନ ଥିବା ଏବଂ ଓଭରଲୋଡିଂ ଗାଡ଼ିଗୁଡ଼ିକଠାରୁ ବଟି ଆଦାୟ କରାଯାଇ ସେଗୁଡିକୁ ଅନାୟାସରେ ଚାଲିବା ପାଇଁ ଅନୁମତି ଦିଆଯାଉଛି। ଫଳରେ ରାସ୍ତା ଖରାପ ହେବା ସହିତ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱହାନି ହେଉଛି। ଏହାସହ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କଠାରୁ ଏଜେଣ୍ଟଙ୍କ ଜରିଆରେ ୩ ହଜାର ଟଙ୍କା ଲେଖାଏଁ ଆଦାୟ କରାଯାଇ ବିନା ପରୀକ୍ଷାରେ ସେମାନଙ୍କୁ ଲାଇସେନ୍ସ ଦିଆଯାଉଛି। ସେହିପରି ରାଜ୍ୟ ବାହାରର ଗାଡ଼ି ମାଲିକଙ୍କଠାରୁ ୨ ହଜାର ଟଙ୍କା ଲେଖାଏ ଆଦାୟ କରାଯାଉଛି। ଅଧିକାରୀ ଓ କର୍ମଚାରୀମାନେ ମାସକୁ ୧୦ ରୁ ୧୫ ଲକ୍ଷ ଟଙ୍କା ବେଆଇନ ଭାବେ ଆଦାୟ କରୁଛନ୍ତି। ତେଣୁ ଏମାନଙ୍କ ଆୟ ଉତ୍ସ ଏବଂ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆର୍‌ଟିଓ ସମ୍ବିତ କୁମାରଙ୍କୁ ପଚାରିବାରୁ ଅଭିଯୋଗର କିଛି ସତ୍ୟତା ନାହିଁ ବୋଲି କହିଛନ୍ତି। ତଦନ୍ତ ନିର୍ଦ୍ଦେଶ ପତ୍ର ପାଇବା ପରେ ସେ ଅଧିକ କିଛି କହିପାରିବେ ବୋଲି କହିଛନ୍ତି।




## ସଂକ୍ଷେପରେ

### ଥାନାରେ ନିଲାମ ହେବ ଜବତ ୨ ଚକିଆ ଯାନ

ଜେନାପୁର,୨୩।୩(ଡି.ଏନ.ଏ.): ଜେନାପୁର ଥାନାରେ ଦୀର୍ଘ ବର୍ଷ ଧରି ୧୫ଟି ଦୁଇ ଚକିଆ ଯାନ ଜବତ ହୋଇ ପଡ଼ିରହିଛି। ତେଣୁ ସେଗୁଡ଼ିକୁ ଗାଡ଼ି ମାଲିକମାନେ ପ୍ରମାଣପତ୍ର ଦେଖାଇ ଆସନ୍ତା ୨୮ ତାରିଖ ମଧରେ ନେଇଯିବାକୁ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଯଦି ଧାର୍ଯ୍ୟ ସମୟ ମଧରେ ଗାଡ଼ିଗୁଡ଼ିକୁ କେହି ନ ନେଲେ ପରେ ସେଗୁଡ଼ିକୁ ନିଲାମ କରି ଦିଆଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ଓଏମ୍‌ସିର ଭୂତତ୍ତ୍ୱବିତ କୁମରବର ମେହେରଙ୍କ ପରଲୋକ



କାଳିଆପାଣି,୨୩।୩(ଡି.ଏନ.ଏ.): ଯାଜପୁର ଜିଲା କାଳିଆପାଣି ଓଡ଼ିଶା ଖଣି ନିଗମ (ଓଏମ୍‌ସି)ରେ ଭୂତତ୍ତ୍ୱବିତ ଭାବେ କାର୍ଯ୍ୟ କରୁଥିବା କୁମରବର ମେହେରଙ୍କ ବୁଧବାର ରାତିରେ ବିଶାଖାପାଟଣାସ୍ଥିତ ଅପୋଲ ହସ୍ପିଟାଲରେ ପରଲୋକ ହୋଇଛି। ସେ ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ଜଣେ ମିଷ୍ଟ ଭାଷୀ, ପରଉପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିଗମର ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ତନିୟା ସିହ୍ନା, ପ୍ରଭାତ ବେହେରାଙ୍କ ସହ ବହୁ ଅଧିକାରୀ ତାଙ୍କ ବରଗଡ଼ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମେହେରଙ୍କ ମୃତ୍ୟୁରେ ସୁକିନ୍ଦା ରିଜିୟନ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ନିଗମର ଆଞ୍ଚଳିକ ପରିଚାଳକ ଇଂ. ଆଶିଷ ସାମନ୍ତରାୟ ଶୋକ ପ୍ରକାଶ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

ଯାଜପୁର ଟାଉନ,୨୩।୩(ଡି.ଏନ.ଏ.): ଯାଜପୁର ଜିଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ମହେନ୍ଦ୍ର କୁମାର ସାହୁ (୯୧)ଙ୍କ ନିଜ ବାସଭବନ ବୈଦ୍ୟରାଜପୁରଠାରେ ପରଲୋକ ହୋଇଛି। ସାହୁ ଜଣେ ଛାତ୍ର ବତ୍ସଳ, ପରୋପକାରୀ ଓ ସାମାଜିକ କର୍ମୀ ଭାବେ ଜଣାଶୁଣା ଥିଲେ। ତାଙ୍କ ଶିକ୍ଷକତା ସମୟରେ ବହୁ ମେଧାବୀ ଛାତ୍ର ସରକାରୀ ଓ ବେସରକାରୀ ସେବାରେ ଉଚ୍ଚ ପଦବୀରେ ଅଧିଷ୍ଠିତ ଅଛନ୍ତି। ତାଙ୍କ ଦେହାନ୍ତରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଯାଜପୁରର ମହାଶ୍ମଶାନ ବାରୁଣୀ ପଡ଼ିଆଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ମୁକୁଳା ଡ୍ରେନ୍‌ରେ ପଡ଼ି ଗାଈ ଆହତ

**କଳିଙ୍ଗନଗର,୨୩।୩(ଡି.ଏନ.ଏ.):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୬ ନମ୍ବର ୱାର୍ଡର ସିଲ୍ କଲୋନୀରେ ଏକ ଗାଈ ଡ୍ରେନ୍‌ରେ ପଡ଼ି ଆହତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଗାଈଟି ଡ୍ରେନରେ ପଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ବହୁ କଷ୍ଟରେ ଗାଈଟିକୁ ଉଦ୍ଧାର କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଯାଇଥିଲା। ସ୍ଥାନୀୟ କାଉନ୍‌ସିଲର ରବୀନ୍ଦ୍ର କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ଡ୍ରେନକୁ ଘୋଡ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ବହୁଦିନ ଧରି ଡ୍ରେନ୍ ମୁକୁଳା ପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। କେତେବେଳେ ଛୋଟ ପିଲା ଡ୍ରେନ୍‌ରେ ଖସି ପଡ଼ି ଆହତ ହେଉଛନ୍ତି ତ' ଆଉ କେତେବେଳେ ଗୋରୁଗାଈ ଡ୍ରେନରେ ପଡୁଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।





ବ୍ରହ୍ମବରଦା ମହାବିଦ୍ୟାଳୟ ପରିସରରୁ ଗଛ କଟାଯାଇଛି।

## ମହାବିଦ୍ୟାଳୟ ପରିସରରୁ ଗଛକଟାକୁ ବିରୋଧ

**ବ୍ରହ୍ମବରଦା,୨୩।୩(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରୁ ଗଛକଟାକୁ ନେଇ ବିବାଦ ଦେଖାଦେଇଛି। ବନ ବିଭାଗ କିମ୍ବା ତହସିଲ ପ୍ରଶାସନର ବିନା ଅନୁମତିରେ ଏଠାରେ ଗଛ କଟାଯାଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଖବର ପାଇ ଚଣ୍ଡିଖୋଲ ବନ ବିଭାଗ ପକ୍ଷରୁ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ବନ ସ୍କ୍ୱାଡ୍‌ମାନେ ପହଞ୍ଚି ଗଛ କଟାକୁ ବନ୍ଦ ରଖିବା ସହିତ ବିଭାଗୀୟ ଅଧିକାରୀଙ୍କ ଅନୁମତି ଆଣି ଗଛ କାଟିବାକୁ କହିଛନ୍ତି।

ସୂଚନା ମୁତାବକ, ମହାବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସଭା ଏମ୍‌ପିଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତେଣୁ ନୂତନ ଗୃହ ନିର୍ମାଣ ପାଇଁ ମହାବିଦ୍ୟାଳୟ ପରିସରରେ ଥିବା ଏକାଧିକ ଛୋଟ ବଡ଼ ଗଛକୁ ଠିକାଦାର କାଟି ସଫା କରିଛନ୍ତି। ଏହାକୁ ନେଇ ଗ୍ରାମରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଠିକାଦାରଙ୍କ ବିରୋଧରେ ଗ୍ରାମବାସୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଠିକାଦାର ମହାବିଦ୍ୟାଳୟ ପରିସରରେ ଥିବା ଆକାଶୀ, ନଡ଼ିଆ, ଝାଉଁ, କୃଷ୍ଣଚୂଡ଼ା ଭଳି ୧୦ରୁ ଊର୍ଦ୍ଧ୍ୱ ଦାମି ଗଛ କାଟି ବିକ୍ରି କରି ଦେଇଛନ୍ତି। ଆହୁରି ଅନେକ ଦାମୀ ଗଛ କଟା ହେବାକୁ ବାକି ଅଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବ୍ରହ୍ମବରଦା ହାୟର ସେକେଣ୍ଡାରି ସ୍କୁଲର ଅଧକ୍ଷ ସୁଦର୍ଶନ ପୃଷ୍ଟିଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ବ୍ରହ୍ମବରଦା ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢ଼ୀଙ୍କୁ ପଚାରିବାରୁ ସେ ଗଛ କଟା ବିଷୟରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି। ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା ମଧ କିଛି ଜାଣି ନ ଥିବା କହିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**କୋରେଇ,୨୩।୩(ଡି.ଏନ.ଏ.):**

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଖଣ୍ଡୁଆଳି ଛକରେ ଗୁରୁବାର ପୂର୍ବାହ୍ନ ୯ଟାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରେଇ ବ୍ଲକ ଗୌରପୁର ପଞ୍ଚାୟତ ଯୁଗଳ ଗ୍ରାମର ଶିବପ୍ରସାଦ ସ୍ୱାଇଁ (୬୨)। ସେ ପୁରୀରେ ଏକ ଘରୋଇ ସଂସ୍ଥାରେ ରୋଷେୟା ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଶିବପ୍ରସାଦ ଓ ସେହି ଗ୍ରାମର ଅନ୍ୟଜଣେ ବ୍ୟକ୍ତି ପୁରୀ ଯିବାକୁ ବାଇକ୍‌ରେ ଯାଜପୁର ରୋଡ୍ ରେଳ ଷ୍ଟେଶନକୁ ଆସୁଥିଲେ। ହଠାତ ଖଣ୍ଡୁଆଳି ଛକ ନିକଟରେ ଏକ ଟ୍ରାକ୍ଟର ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିବପ୍ରସାଦ ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟେଇଥିବା ଟ୍ରାକ୍ଟରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲ ପଠାଇବା ସହିତ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଏଏସ୍‌ଆଇ ଅଶୋକ କୁମାର ସ୍ୱାଇଁ ଓ ସରୋଜ କୁମାର ବେହେରା ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଶତବାର୍ଷିକୀ

**ଦଶରଥପୁର/ପ୍ରୀତିପୁର, ୨୩।୩(ଡି.ଏନ୍.ଏ.):**

ଦଶରଥପୁର ବ୍ଲକ୍ ଅଧୀନ ପରମାନନ୍ଦପୁର ଶାସନ ପଡ଼ିଆରେ ଦଉପୁର ଏବଂ ଦୁଦୁରାଅନ୍ତା ପଞ୍ଚାୟତବାସୀଙ୍କ ପକ୍ଷରୁ ବରିଷ୍ଠ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ତ୍ରିପାଠୀଙ୍କ ଜନ୍ମଶତବର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାଧୀନତା ସଂଗ୍ରାମୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦଶରଥପୁର ବ୍ଲକ କଂଗ୍ରେସ କମିଟି, ବ୍ଲକ ଭାଜପା କମିଟି, ଦଉପୁର ପଞ୍ଚାୟତ, ନାରାୟଣପୁର ଗ୍ରାମ କମିଟି, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ଓ ଅଧ୍ୟାପକ ମାନସ ବେହେରା ପ୍ରମୁଖ ଯୋଗଦେଇ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଗୌତମ ରାୟ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଜିଲା ପରିଷଦ ସଭ୍ୟା ମାମିନା ମଲିକ, ଦଉପୁର ସରପଞ୍ଚ ସୁଚିସ୍ମିତା ମହାନ୍ତି, ରାଜସ୍ୱ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରଦୀପ ମହାନ୍ତି, ପୂର୍ବତନ ବ୍ଲକ୍ ଅଧକ୍ଷ ରମେଶ ସାମଲ, ନିଜାମପୁର ପୂର୍ବତନ ସରପଞ୍ଚ ବିଜୟ ପରିଡ଼ା, ଶିକ୍ଷାବିତ୍ ଗୋପବନ୍ଧୁ ତ୍ରିପାଠୀ, ଦଉପୁର ସମିତିସଭ୍ୟା ସୁକାନ୍ତି ସାହୁ ପ୍ରମୁଖ ଯୋଗଦେଇ ତ୍ରିପାଠୀଙ୍କ ଅବିଭକ୍ତ ଦୁଦୁରାଅନ୍ତା ପଞ୍ଚାୟତ ସମେତ ଦଶରଥପୁର ବ୍ଲକ୍ ପାଇଁ ଥିବା ଅବଦାନକୁ ପ୍ରଶଂସା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗୟାଧର ପଣ୍ଡା, କମ୍ୟୁନିଷ୍ଟ ନେତା ସନ୍ତୋଷ ଦାସ, ଶିକ୍ଷାବିତ୍ ହରିଶଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆଜିଠାରୁ ରମଜାନ୍ ରୋଜା: ଚାରିନଙ୍ଗଳ ଚଳଚଞ୍ଚଳ



ଚାରିନଙ୍ଗଳ ବଜାରରେ ଭିଡ଼ ଜମିଛି।

**ବାଲିଚନ୍ଦ୍ରପୁର,୨୩।୩(ସ୍ୱ.ପ୍ର.):**

ବଡ଼ଚଣା ବ୍ଲକ ଅଧୀନ ଚାରିନଙ୍ଗଳ, ନଳୀପୁର, କଟିକଟା, ଝରକୁଳ ଓ ଛତାବର ଆଦି ଅଞ୍ଚଳରେ ବହୁ ସଂଖ୍ୟାଲଘୁ ପରିବାର ବସବାସ କରନ୍ତି। ଶୁକ୍ରବାରଠାରୁ ରମଜାନ୍ ରୋଜା ଆରମ୍ଭ ହେଉଥିବାରୁ ଏହି ସବୁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ବାହାରେ ରହୁଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଓଷା ପାଇଁ ଗାଁକୁ ଫେରୁଥିବା ପରିଲକ୍ଷିତ ହେଉଛି। ଚାରିନଙ୍ଗଳ ବଜାରରେ ସ୍ଥାୟୀ ଦୋକାନୀ ସାଙ୍ଗକୁ ଅସ୍ଥାୟୀ ବ୍ୟବସାୟୀମ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ସଜାଇ ସାରିଲେଣି। ସନ୍ଧ୍ୟାରେ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଏହି ରମଜାନ୍ ବ୍ରତ ଆବାଳବୃଦ୍ଧବନୀତା ସମସ୍ତେ ରଖିପାରିବେ। ଦିନତମାମ ଜଳପାନ ନ କରି କାଷ୍ଠା ଉପବାସ ରହି ସନ୍ଧ୍ୟାରେ ଭୋଗ ଲଗାଇ ଓଷା ଫିଟାଇବା ପରେ ଭୋଜନ କରିବାର ପରମ୍ପରା ରହିଛି। ରମଜାନ୍ ରୋଜା ଏକ ମାସ ଧରି ଚାଲିବ ବୋଲି ଇଦ୍‌ଗାହା କମିଟି ସଭାପତି ମୌଲାନା ହାସମିକାସମି ଓ ସମ୍ପାଦକ ଅବଦୁଲ ହାଇ ସୂଚନା ଦେବା ସହ ଶାନ୍ତିଶୃଙ୍ଖଳାର ସହ ଏହାକୁ ପାଳନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଅପରପକ୍ଷେ କିଛି ଅମାନିଆ ଯୁବକ ଏହି ସମୟରେ ଗାଁକୁ ଆସି ବଜାର ଭିଡ଼ ମଧରେ ଗାଡ଼ିମଟର ଦ୍ରୁତଗତିରେ ଚଳାଇ ଜନସାଧାରଣଙ୍କୁ ଅସୁବିଧାରେ ପକାଉଥିବା ଦେଖାଯାଇଛି। ଏଥିପ୍ରତି ପୋଲିସ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## କମିଟିକୁ ବୈଧ ଘୋଷଣା କଲେ ବିଇଓ

**ମଧୁପୁର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ଘଟଣା**
- କୋର୍ଟଙ୍କ ଆଶ୍ରୟ ନେବାକୁ ଅଭିଭାବକଙ୍କ ଚେତାବନୀ



**ରସୁଲପୁର,୨୩।୩(ଡି.ଏନ.ଏ.):**

ରସୁଲପୁର ବ୍ଲକ କଳଣ ପଞ୍ଚାୟତସ୍ଥିତ ମଧୁପୁର ସରକାରୀ ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ଘଟଣା ଏବେ ପୁଣି ଚର୍ଚ୍ଚାରେ। ବିଦ୍ୟାଳୟ ପକ୍ଷରୁ କମିଟି ଗଠନରେ ଅନିୟମିତତା ହୋଇଥିବା ଅଭିଭାବକ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୁଦର୍ଶନ ମଲିକଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ଅଭିଯୋଗକୁ ବିଇଓ ଗୁରୁତ୍ୱ ନଦେଇ ଉକ୍ତ କମିଟିକୁ ବୈଧ ଘୋଷଣା କରିଛନ୍ତି। ଏହାଜାଣି ଅଭିଭାବକ ପୁନର୍ବାର ବିଇଓଙ୍କୁ ଅଭିଯୋଗ କରି କମିଟିକୁ ଅସିଦ୍ଧ ଘୋଷଣା କରିବାକୁ ଦାବି କରିଛନ୍ତି। ଏହା ନ ହେଲେ ସେମାନେ କୋର୍ଟଙ୍କ ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

୧୦ ଜାନୁୟାରୀ ୨୦୨୩ରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ଅଭିଭାବକ ଓ ଶିକ୍ଷକଙ୍କ ମିଳିତ ବୈଠକ ହୋଇଥିଲା। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଭିଭାବକଙ୍କ ସଂଖ୍ୟା ୪୬୭। ତେଣୁ ବିଧି ମୁତାବକ ବିଦ୍ୟାଳୟ ପରିଚାଳାନା କମିଟି ଗଠନ ପାଇଁ କୋରମକୁ ହିସାବକୁ ନେଲେ ୧୮୯ ଅଭିଭାବକଙ୍କ ଉପସ୍ଥିତ ଆବଶ୍ୟକତା ରହିଛି। ସେହି ଦିଗକୁ ଦେଖିଲେ ମୋଟ୍ ଅଭିଭାବକ ସଂଖ୍ୟାର ୪୦ଶତକଡ଼ା ଉପସ୍ଥାନ ରହିବା ଉଚିତ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆହ୍ୱାନକ୍ରମେ ବୈଠକରେ ୧୫୫ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ, ଯାହାକି ଆବଶ୍ୟକ ଅଭିଭାବକଙ୍କଠାରୁ ୩୪ଜଣ କମ୍। ଉପସ୍ଥିତ ଅଭିଭାବକଙ୍କ ମଧରେ ଏକାଧିକ ଅଣଅଭିଭାବକ ସାମିଲ ଥିଲେ। ଜଣେ ଲେଖାଏ ଅଭିଭାବକ ଏକାଧିକ ସ୍ଥାନରେ ଦସ୍ତଖତ କରିଥିଲେ। କେତେଜଣ ଅଭିଭାବକ ବୈଠକରେ ନ ଥାଇ ବି ସେମାନଙ୍କ ଦସ୍ତଖତକୁ ଜାଲ୍ କରି ଦିଆଯାଇଥିଲା। ବୈଠକରେ ମାତା ଓ ପିତା ଉପସ୍ଥିତ ଥିଲେ ସେମାନଙ୍କୁ ଜଣେ ସଭ୍ୟରେ ଗଣାଯିବ। ଏ ଦିଗରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ। ହେଲେ ଏଥିରେ ବ୍ୟତିକ୍ରମ ଘଟି ଉଭୟ ମା,ବାପାଙ୍କୁ କମିଟି ସଦସ୍ୟ ଗ୍ରହଣ କରାଯାଇଛି। ଏ ପରିକି ପରିଚାଳନା କମିଟି ଗଠନ ପାଇଁ ଚୟନ ସଦସ୍ୟଙ୍କ ମଧରୁ କେତେଜଣ ଅଭିଭାବକ ନୁହନ୍ତି। ଖୋଦ୍ ସଭାପତି ପ୍ରାର୍ଥୀଙ୍କ ସମର୍ଥକ ଭାବରେ ଦର୍ଶାଯାଇଥିବା ବ୍ୟକ୍ତି ଜଣକ ଅଭିଭାବକ ନୁହନ୍ତି। ବୈଠକ ଖାତାରେ ଅଭିଭାବକଙ୍କ ଦସ୍ତଖତ ତାଲିକାର କ୍ରମିକ ସଂଖ୍ୟା ୧୫୬ରୁ ୧୯୭ ପର୍ଯ୍ୟନ୍ତ ମିଥ୍ୟା ଦସ୍ତଖତ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏଭଳି ଅନେକ ତ୍ରୁଟି ଥାଇ ବିଦ୍ୟାଳୟ ପକ୍ଷରୁ କମିଟି ଗଠନ କରାଯାଇ ଅନୁମୋଦନ ପାଇଁ ବିଇଓଙ୍କ କାର୍ଯ୍ୟାଳୟକୁ ପଠା ଯାଇଥିଲା। ଅଭିଯୋଗ ପରେ ବିଇଓ କମିଟିକୁ ଅନୁମୋଦନ ପ୍ରଦାନ କରି ନ ଥିଲେ। କମିଟି ପାଇଁ ଆସିଥିବା ଚିଠାକୁ ୨ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ହେଲେ ହଠାତ୍ କ'ଣ ଘଟିଲା ଯେ ସେ ରାତିଅଧିଆ କମିଟିକୁ ବୈଧ ଘୋଷଣା କରିଥିଲେ। ଏହାକୁ ନେଇ ଅଭିଭାବକଙ୍କ ମନରେ ସନ୍ଦେହଜାତ ହେଉଛି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଶିକ୍ଷାଧିକାରୀ ଏଭଳି କରିଛନ୍ତି ବୋଲି ଅଭିଭାବକ ଦେବବ୍ରତ ସାହୁ ଅଭିଯୋଗ କରିଛନ୍ତି।

ତେଣୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଇଓ ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାର୍ଥୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯାହାକିଛି ପଦକ୍ଷେପ ନେଇଛନ୍ତି। କୋରମ ଅଭାବରୁ ବୈଠକ ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ସେ ଦିନ ବିଦ୍ୟାଳୟରେ ୧୯ ଶିକ୍ଷକ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥାନକୁ ମିଶାଇଲେ କୋରମ ହୋଇଯାଉଛି। ଅଭିଯୋଗକାରୀଙ୍କ ମଧ୍ୟରୁ ଜଣେ ସଭାପତି ପଦ ପାଇଁ ଆଶାୟୀ ଥିଲେ। ତାହା ହୋଇ ନ ପାରିବାରୁ ସେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ବିଇଓ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସ୍ପର୍ଶରେ ଗାଈ ମୃତ



**ପଟ୍ଟାମୁଣ୍ଡାଇ, ୨୩।୩ (ସ୍ୱ.ପ୍ର.):** ବିଦ୍ୟୁତ୍ ଖମ୍ବରୁ ତଳକୁ ଝୁଲି ରହିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ଘଟିଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମୁଲୁଗାଁ ଗ୍ରାମ ମୁଣ୍ଡରେ ଥିବା ବିଦ୍ୟୁତ୍ ଖୁଣ୍ଟିରୁ ବିଦ୍ୟୁତ୍ ତାରଟି ଖସି ଆସି ତଳକୁ ଝୁଲି ରହିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ହେଁ ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ବିଳମ୍ବ କରିଥିଲେ। ଗତ ୨ ଦିନ ତଳେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ ବର୍ଷାରେ ବିଦ୍ୟୁତ୍ ତାରଟି କ୍ଷତିଗ୍ରସ୍ତ ହେବା ସହ ତଳକୁ ଝୁଲି ପଡ଼ିଥିଲା। ଗୁରୁବାର ସକାଳେ ମୁଲୁଗାଁ ଗାଁର ରବୀନ୍ଦ୍ର ସାମଲଙ୍କ ଗାଈଟି ଗାଁ ମୁଣ୍ଡ ପଡ଼ିଆକୁ ଚରାଇବାକୁ ଯାଇଥିବାବେଳେ ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଗାଈଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗାଈ ମାଲି ସାମଲଙ୍କୁ କ୍ଷତିପୂରଣ ଦେବା ପାଇଁ ଜ୍ୟୋତି ପ୍ରକାଶ ପ୍ରଧାନ ସାଧାରଣରେ ଦାବି ହୋଇଛି।

### ଜଳବାୟୁ ପରିବର୍ତ୍ତନ, ଏହାର ପ୍ରଭାବ କର୍ମଶାଳା

**ରାଜନଗର, ୨୩।୩(ଡି.ଏନ.ଏ.):** ରାଜନଗର ବ୍ଲକ ସାତଭାୟାବାସୀଙ୍କ ଥଇଥାନସ୍ଥଳ ବଗପାଟିଆଠାରେ ସ୍ୱେଚ୍ଛାସେବୀ ସଂଗଠନ ଆରଡିସି ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଳବାୟୁର ପରିବର୍ତ୍ତନ କିଭଳି ଭାବରେ ଜୀବନ ଜୀବିକାକୁ ପ୍ରବାବିତ କରୁଛି, ଏହା ବୁଝିବା ସହ ଏହାର ପରିବର୍ତ୍ତିତ ପରିସ୍ଥିତିକୁ କିପରି ପରିଚାଳନା କରିପାରିବା ଏବଂ ଜୀବିକାକୁ ଆଗକୁ ନେବା ସହ ନିଜ ଗାଁରେ ରୋଜଗାରର ଉପାୟ ବାହାର କରି ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଗୋବର୍ଦ୍ଧନ ପ୍ରଧାନ, ପ୍ରଗତି ପ୍ରକଳ୍ପ ପରିଚାଳକ ରବି ନାରାୟଣ ତ୍ରିପାଠୀ, ସୁରେଶ ଚନ୍ଦ୍ର ବିଶୋଇ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

### ଭିଟାମିନଯୁକ୍ତ ଚାଉଳ ପାଇଁ ସଚେତନତା ରଥ

**ରାଜନଗର, ୨୩।୩ (ଡି.ଏନ.ଏ.):** ରାଶନ କାର୍ଡରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଚାଉଳରେ ବାହାରୁଥିବା କିଛି ଚାଉଳକୁ ପ୍ଲାଷ୍ଟିକ ଚାଉଳ ବୋଲି କହି ଲୋକେ ଅଭିଯୋଗ କରୁଥିଲେ। ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳରେ ୫ଶହ ଗ୍ରାମ ଭିଟାମିନ ଯୁକ୍ତ ଚାଉଳ ଦିଆଯାଇଥାଏ। ଏହି ଭିଟାମିନ ଯୁକ୍ତ ଚାଉଳ ସ୍ୱାସ୍ଥ୍ୟ ପାଇଁ ଦରକାରୀ। ଏହା ପ୍ଲାଷ୍ଟିକ ଚାଉଳ ନୁହେଁ ବୋଲି ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗୁଣୁବାର ୱାର୍ଲ୍ଡ ଫୁଡ ଅର୍ଗାନାଇଜେଶନ ପକ୍ଷରୁ ଏକ ସଚେତନତା ରଥ ମାଧମରେ ରାଜନଗର ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରାଯାଉଛି। ରାଜନଗର ବ୍ଲକର ବଡପଲ୍ଲୀ ଓ ରାଜନଗରଠାରେ ଏହି ସଚେତନତା ରଥରେ ଭିଡିଓ ମାଧମରେ ଭିଟାମିନ ଯୁକ୍ତ ଚାଉଳ କେତେ ଉପକାରୀ ସେ ନେଇ ଭିଡିଓ ପ୍ରଦର୍ଶିତ କରାଯାଇଛି। ବ୍ଲକ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ ଓ ଯୋଗାଣ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଶତାୟୁଙ୍କ ପରଲୋକ

**ରାଜନଗର, ୨୩।୩(ଡି.ଏନ.ଏ.):** ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ ଶିକାରପାହି ଗାଁର କୁଞ୍ଜ ବିହାରୀ ପ୍ରଧାନଙ୍କର ଗୁରୁବାର ୧୦୭ ବର୍ଷରେ ପରଲୋକ ହୋଇଯାଇଛି। ସେ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ୬ ପୁତ୍ର ଅମଲ, ବିମଲ, ପରିମଲ, କମଲ, ସୁବିମଲ ଓ ନିର୍ମଳଙ୍କ ସହ ବନ୍ଧୁ ପରିଜନ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ଖବରପାଇ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସାମାଜିକ କର୍ମୀ ମଦନ ଦେବନାଥ, ଦେବ ଦୁଲାଲ ମଣ୍ଡଳ, ସୁଜେଶ ମଣ୍ଡଳ, ବିକାଶ ଗିରି, ମୁକ୍ତି କୁମାର ପାତ୍ର ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଛନ୍ତି।

# ଧାର୍ଯ୍ୟ ସମୟ ପୂର୍ବରୁ ଚାଷୀଙ୍କ ଟୋକନ କଟ୍

**ପଟ୍ଟାମୁଣ୍ଡାଇ, ୨୩।୩ (ସ୍ୱ.ପ୍ର.)**

- ମିଲର, ସମବାୟ କର୍ମଚାରୀଙ୍କ ମେଣ୍ଟ
- ଚାଷୀ ଶୋଷଣର ଶିକାର

ଖରିଫ ଧାନକିଣାରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ ଦୁର୍ନୀତି ହୋଇଥିବାରୁ ପ୍ରକୃତ ଚାଷୀ ସେମାନଙ୍କ ଧାନ ବିକ୍ରି କରି ନ ପାରି ଆର୍ଥିକ କ୍ଷତି ସହୁଛନ୍ତି। ସରକାରଙ୍କ ଧାର୍ଯ୍ୟ ସମୟ ପୂର୍ବରୁ ଚାଷୀମାନଙ୍କର ଟୋକନ କଟିବା ଦ୍ୱାରା ସେମାନେ ସ୍ୱଳ୍ପ ଦରରେ ସେମାନଙ୍କ ଧାନକୁ ବେପାରୀଙ୍କ ହାତକୁ ଟେକି ଦେବାକୁ ବାଧ ହେଉଛନ୍ତି। ଜିଲା ଯୋଗାଣ ଅଧିକାରୀ, ସମବାୟ ସମିତି ସହକାରୀ ନିବନ୍ଧକ ଏବଂ କେତେଜଣ ରାଜନେତାଙ୍କ ଅସାଧୁ ମେଣ୍ଟ ଏହି ଦୁର୍ନୀତିରେ ସମ୍ପୃକ୍ତ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଅସାଧୁ ମେଣ୍ଟ ନିଜକୁ ରକ୍ଷା କରିବା ନ୍ୟାୟରେ ଧାନ ମିଲ୍ ମାଲିକଙ୍କ ମୁଣ୍ଡରେ ଅଠା ବୋଲି ଖସି ଯାଇଛନ୍ତି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ସେବା ସମବାୟ ସମିତିଗୁଡ଼ିକରେ ଚାଷୀମାନେ ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ୧୬ଟି ସେବା ସମବାୟ ସମିତି ରହିଛି। ସେଥିରୁ ୧୪ ସେବା ସମବାୟ ସମିତି ଚାଷୀଙ୍କ ପାଖରୁ ଧାନ କ୍ରୟ କରୁଛି। ଚଳିତବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧ ଲକ୍ଷ ୭୮ ହଜାର ୪୩୬ କୁଇଣ୍ଟାଲ ୩୨ କିଲୋ ଧାନ କ୍ରୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୫,୮୮୩ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ମଙ୍ଗଳବାର ସୁଦ୍ଧା ୧ ଲକ୍ଷ ୭୫ ହଜାର ୬୦୪ କୁଇଣ୍ଟାଲ ୧୪ କିଲୋ ଧାନ କିଣା ଯାଇଥିବା ବେଳେ ଅଧିକାଂଶ ଚାଷୀ ଧାନ ଦେଇ ପାରିନାହାନ୍ତି। ସମବାୟ ସମିତି କର୍ମଚାରୀମାନେ ଦଲାଲ ରଖି ଛୋଟ ଛୋଟ ଚାଷୀଙ୍କ ନାମରେ ରେଜିଷ୍ଟ୍ରେଶନ କରି କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ୧୦୦ ଟଙ୍କା ଦେଇ ସେମାନଙ୍କ ଟୋକନ୍ କିଣି ନେଉଛନ୍ତି। ଆଉ କେଉଁଠି ପ୍ରକୃତ ଚାଷୀଙ୍କ ଟୋକନ୍ ନ କରି ଆଉ କାହା ନାମରେ ଟୋକନ୍ କରି ଧାନ ବିକ୍ରି କରି ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି। ମାତ୍ର ପଞ୍ଜୀକୃତ କରିଥିବା ଅଧିକାଂଶ ଚାଷୀଙ୍କ ଧାର୍ଯ୍ୟ ସମୟ ପୂର୍ବରୁ ଟୋକନ୍ କଟି ଯାଇଛି। ଆଉ କେଉଁ ଚାଷୀ ଧାନକୁ ଘରେ ପକାଇ ରଖିଥିବା ବେଳେ ଧାନ କ୍ରୟ କରିବା ଲକ୍ଷ୍ୟ ପୂରା ହେଉଛି କିପରି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଡ଼ପଡ଼ା ସମବାୟ ସମିତିରେ ଗତ ରବିବାର ରାତି ସୁଦ୍ଧା ପ୍ରାୟ ୨୩ ଜଣ ଚାଷୀଙ୍କ ଟୋକନ୍ ଅବଧି ଶେଷ ହୋଇଥିଲା। ମାତ୍ର ଜିଲା ଯୋଗାଣ ବିଭାଗକୁ କୌଣସି ଟାର୍ଗେଟ ଦେଇ ନ ପାରିବାରୁ ସେମାନେ ଧାନ ଦେବାରୁ ବଞ୍ଚିତ ହୋଇଥିଲେ। ଏପରି ଭାବେ ବିଭିନ୍ନ ସମବାୟ ସମିତିରେ ସମାନ ପରିସ୍ଥିତି ହେଉଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ସେହିପରି ଖଡିଅଣ୍ଟା ସେବା ସମବାୟ ସମିତିରେ କୌଣସି ସଭାପତି ନାହାନ୍ତି ନା ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇନାହାନ୍ତି। ଏହାର ସୁଯୋଗରେ ମନମୁଖି ଭାବେ ଧାନ ବିକ୍ରି କମିଟି ଗଠନ କରିଛନ୍ତି। ଏହି କମିଟିରେ ଚାଷୀଙ୍କୁ ନିଆଯିବା ପରିବର୍ତ୍ତେ ଅଣଚାଷୀଙ୍କୁ ସଭ୍ୟ ରୂପେ ରଖାଯାଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମାନୁଯାୟୀ ଧାନର କୁଇଣ୍ଟାଲ ପିଛା ଧାର୍ଯ୍ୟ ଦାମ୍ ହେଉଛି ୨୦୪୦ ଟଙ୍କା, ଏପରିସ୍ଥଳେ କଟନି ଛଟନିରେ ୭ ରୁ ୧୦କେଜି ଧାନର ମୂଲ୍ୟ ମିଳୁନାହିଁ। ଯାହାଦ୍ୱାରା ଚାଷୀ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଓ ଅନିୟମିତତା ହେତୁ ବିଭିନ୍ନ ଉପାୟରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଫଳରେ ଚାଷୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରୁ ଯାହା ଟାର୍ଗେଟ ଆସୁଛି ସମସ୍ତଙ୍କୁ ବାଣ୍ଟି କରି ଦିଆଯାଉଛି ବୋଲି ସେ କହିଛନ୍ତି। ଏଆର୍‌ସିଏସ୍ ସନ୍ତୋଷ ଦାସଙ୍କୁ ପଚାରିବାରେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ପାଖରୁ ଧାନ କ୍ରୟ ହୋଇସାରିଛି। ଯେଉଁମାନେ ରହିଯାଇଛନ୍ତି ସେମାନଙ୍କ ଧାନ ଖୁବ୍‌ଶୀଘ୍ର କିଣାଯିବ ବୋଲି ସେ କହିଛନ୍ତି।

# ଡାଙ୍ଗମାଳ ପ୍ରିମିୟର ଲିଗ୍: ନୀଳମାଧବ ରକ୍ଷ୍ଟାର ବିଜୟୀ



ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଥିବା ବେଳେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

**ରାଜନଗର, ୨୩।୩(ଡି.ଏନ.ଏ.)**

ରାଜନଗର ବ୍ଲକର ଭିତରକନିକା ପ୍ରବେଶ ପଥରେ ଡାଙ୍ଗମାଳ ପ୍ରିମିୟର ଲିଗ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଏମ୍‌କେ ନୀଳମାଧବ ରକ୍ଷ୍ଟାର ଓ ରିଦିମ୍ ୱାରିୟର୍ସ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଟସ୍ ଜିତି ନୀଳମାଧବ ରକ୍ଷ୍ଟାର ୧୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଥିଲା। ଜବାବରେ ରିଦିମ ୱାରିୟର୍ସ ୧୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା। ନୀଳମାଧବ ରକ୍ଷ୍ଟାରରେ ୫୭ ରନ୍‌ରେ ବିଜୟ ଲାଭ କରିଛି। ଦଳର ଶୁଭ ରଞ୍ଜନ ମାନ୍ନା ୬୩ ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଶ୍ମୀ ରଞ୍ଜନ ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଭିତରକନିକା ଶାଖାର ପରିଚାଳକ ପ୍ରବୀର ପାତ୍ର, କୃଷ୍ଣନଗର ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସୁଶିଳ ମଣ୍ଡଳ, ସିଆରସିସି ନିରୋଜ ଦାସ, କରୁଣାକର ବେହେରା, କେଳୁଚରଣ ସେଠୀ, ମୀନକେତନ ପାଢୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ପାଢୀ ଓ ଶାନ୍ତନୁ ଦାସ ଅମ୍ପେୟାର ଦାୟିତ୍ୱ ତୁଲାଇ ଥିଲେ। ସଂଜୟ ଦାସ, ଦୀପକ ଦାସ, ଜନକର ନାୟକ, ବିଜୟ ଦାସ, ରଞ୍ଜନ ବେହେରା, ସ୍ମୃତିକାନ୍ତ ଦାସ, ଅଶୋକ ଦଳାଇ ଦିଲ୍ଲୀପ କୁଣ୍ଡ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସନାତନ ଧର୍ମ ସମ୍ମିଳନୀ ଭକ୍ତ ମିଳନ ଉତ୍ସବ ଆରମ୍ଭ



ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

**ରାଜନଗର, ୨୩।୩(ଡି.ଏନ.ଏ.)**

ରାଜନଗର ବ୍ଲକ ଖମାରସାହି ପଞ୍ଚାୟତ ଖମାରସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୫୩ତମ ସନାତନ ଧର୍ମ ସମ୍ମିଳନୀ ଗୁରୁବାର ଆରମ୍ଭ ହୋଇଛି। ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ସକାଳେ ରାଜନଗରସ୍ଥିତ ଅଭିରାମ ଆଶ୍ରମରୁ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ପୁଷ୍ପକ ରଥରେ ସ୍ଥାପନ କରାଯାଇ ଥାଟପାଟରେ ନାମ ସଂକୀର୍ତ୍ତନ ଓ ଘଣ୍ଟ ପାଟୁଆ ସହ ଶତାଧିକ ଭକ୍ତଙ୍କ ଶୋଭାଯାତ୍ରାରେ ରାଜନଗର ବଜାର, ଗାଁ, ପରିକ୍ରମା ପରେ ମହୁଲିଆ, ଚାନ୍ଦିବାଉଁଶମୂଳ, କଣ୍ଡିରା, ଭିତରଗଡ଼, ଘଡ଼ଆମାଳ, ଈଶ୍ୱରପୁର ପଞ୍ଚାୟତ ପରିକ୍ରମା କରି ଠାକୁର ଖୋଳା ସେତୁ ନିକଟରେ ପହଞ୍ଚି ଥିଲେ।

ଖୋଳା ନିକଟରେ ଖମାରସାହି ପଞ୍ଚାୟତବାସୀଙ୍କ ପକ୍ଷରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନୂଆଗାଁଠାରେ ଡାଙ୍ଗମାଳ ପଞ୍ଚାୟତବାସୀଙ୍କ ପକ୍ଷରୁ ଓ ସୁବର୍ଣ୍ଣପୁରଠାରେ କୃଷ୍ଣନଗର ପଞ୍ଚାୟତବାସୀଙ୍କ ପକ୍ଷରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଖମାରସାହି, ଡାଙ୍ଗମାଳ ଓ କୃଷ୍ଣନଗର ପଞ୍ଚାୟତ ପରିକ୍ରମା ପରେ ଠାକୁର ମା'ଜୟଦୁର୍ଗାଙ୍କ ପୀଠରେ ପହଞ୍ଚିଛନ୍ତି। ମା'ଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଠାକୁର ଓ ଭକ୍ତମାନେ ରାତ୍ରି ଯାପନ କରିଛନ୍ତି। ଶୁକ୍ରବାର ସକାଳୁ ମା'ଙ୍କ ପୀଠରୁ ଠାକୁରଙ୍କୁ ପୁଣି ଥାଟପାଟରେ ୩ ପଞ୍ଚାୟତବାସୀ ସମ୍ମିଳନୀ ସ୍ଥଳ ଯାଏ ପାଛୋଟି ନେବେ। ସମ୍ମିଳନୀ ସ୍ଥଳରେ ଠାକୁର ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯିବା ସହ ଧର୍ମ ସମ୍ମିଳନୀ ଆରମ୍ଭ ହେବ। ବ୍ଲକର ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ପଞ୍ଚାୟତର ଲୋକପ୍ରତିନିଧି, ମୁରବୀ, ନେତୃ ମଣ୍ଡଳୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସନାତନ ଧର୍ମ ସମ୍ମିଳନୀ ଓ ଠାକୁରଙ୍କ ଶୋଭାଯାତ୍ରାକୁ ପରିଚାଳନା କରୁଛନ୍ତି। ଏହି ଧର୍ମ ସମ୍ମିଳନୀରେ ଶାନ୍ତିଧାମ କରମଳାର ବହୁ ସାଧୁ, ସନ୍ଥ, ପ୍ରବଚକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ନାଟକ ପରସ୍ପରକୁ ଏକତାରେ ବାନ୍ଧି ରଖେ'

## ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

**କୁଜଙ୍ଗ, ୨୩।୩ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଜିଲାନାସି ପଞ୍ଚାୟତ ଅନ୍ତର୍ଗତ ଜୟଶଙ୍ଖପୁର ଗ୍ରାମରେ ଚାଲିଥିବା ନାଟକ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମା'ବୁଢ଼ୀ ସାରୀ ବାରୁଣୀ ପର୍ବ ଉପଲକ୍ଷେ ୪ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ଗତି କୃଷ୍ଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ନାଟକ ମାଧ୍ୟମରେ ପରସ୍ପର ମଧ୍ୟରେ ଏକତା ଆଣିଥାଏ। ସବୁ ବର୍ଗର ଲୋକଙ୍କୁ ସାଂସ୍କୃତିକ ରଜ୍ଜୁରେ ପରସ୍ପରକୁ ବାନ୍ଧି ରଖିଥାଏ। ହେଲେ ସମାଜକୁ ଗ୍ରାସ କରିବାକୁ ବଡ ରାକ୍ଷସ ରୂପେ ଉଭା ହୋଇଥିବା ମାଦକ ଦ୍ରବ୍ୟ ସେବନରୁ ଯଦି ଯୁବବର୍ଗଙ୍କୁ ନିବୃତ୍ତ କରାଇପାରିବ, ତା'ହେଲେ ଆମେ ଏକ ସୁସ୍ଥ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନ ଶୈଳୀ ନେଇ ବଞ୍ଚି ପାରିବା । ଏହି ଅବସରରେ ସେ ବୁଢୀ ସାରୀ ସାଂସ୍କୃତିକ ପରିଷଦର ସଦସ୍ୟମାନଙ୍କୁ ନିଶା ସେବନରୁ ନିବୃତ୍ତ ରହିବା ସହ ନିଶାମୁକ୍ତି ଅଭିଯାନରେ ସାମିଲ ହେବାକୁ ଶପଥ ପାଠ କରାଇଥିଲେ। କାର୍ତ୍ତିକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ସରପଞ୍ଚ ପ୍ରସନ୍ନ ବେହେରା ସମ୍ମାନିତ ଅତିଥି, ଶ୍ରମିକ ନେତା ସୁବାସ ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଶତପଥୀଙ୍କ ନିଶାମୁକ୍ତି ଅଭିଯାନରେ ଯୁବବର୍ଗ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

# ବିଶ୍ୱ ବନ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୨୩।୩ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ବଳଦେବ କ୍ଲଷ୍ଟର ଅନ୍ତର୍ଗତ ନୃସିଂହ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଅନ୍ତର୍ଯ୍ୟାମୀ ବେଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଙ୍ଗଲର ପ୍ରକାର, ଦେଶରେ ଥିବା ବିଭିନ୍ନ ଜାତୀୟ ଉଦ୍ୟାନ, ଯୁଗ୍ମ ବନ ପରିଚାଳନା, ଇକୋ ଟୁରିଜିମ୍, ବନ ସୁରକ୍ଷା ନିମନ୍ତେ ଅତୀତରେ କରାଯାଇଥିବା ବିଭିନ୍ନ ଆନ୍ଦୋଳନ ଆଦି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହିତ ନୂତନ ଜଙ୍ଗଲ ସୃଷ୍ଟି, ଜଙ୍ଗଲ ସୁରକ୍ଷା ଓ ବନାଗ୍ନି ସମ୍ପର୍କରେ ଜନସଚେତନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତରୁଲତା ପ୍ରଧାନ, ଇନ୍ଦିରା ଆଚାର୍ଯ୍ୟ, ନୀଳିମା ଜେନା, ଶଶୀରେଖା ସ୍ୱାଇଁ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଷ୍ଠା ଉତ୍ସବ



**ରାଜକନିକା, ୨୩।୩ (ଡି.ଏନ.ଏ.)**

ରାଜକନିକା ବ୍ଲକର ନହୁଣି ଗ୍ରାମରେ ୩୦ତମ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବାର୍ଷିକ ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କ ପୂଜାର୍ଚ୍ଚନା ସହ ଯଜ୍ଞ ଚାଲିଛି। ଏହ ଉତ୍ସବରେ ଉପଦେଷ୍ଟା ଲମ୍ବୋଦର ପରିଡ଼ା, ସାମାଜିକ କର୍ମୀ ବିଶିକେଶନ ଦାସ, ଅଭିରାମ ବିଶ୍ୱାଳ, ସଭାପତି ବିରେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ପ୍ରଭାତ କୁମାର ଦାସ, କୋଷାଧ୍ୟକ୍ଷ ପ୍ରତାପ କୁମାର ଦାସ, ସଭ୍ୟ ଅଶୋକ କୁମାର ନାୟକ, ଉମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖଙ୍କ ସହ ନହୁଣି ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଝାମୁଯାତ୍ରା ପାଇଁ ଗାଁରେ ମାନସିକଧାରୀ ପାଟୁଆ

**ମହାକାଳପଡ଼ା, ୨୩।୩ (ଡି.ଏନ.ଏ.)**



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପ୍ରସିଦ୍ଧ ଶକ୍ତି ପୀଠ ମା' ରାମଚଣ୍ଡୀଙ୍କ ବିଜେସ୍ଥଳୀ ମହାବିଷୁବ ସଂକ୍ରାନ୍ତି ଦିନ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମାନସିକ ବ୍ରତଧାରୀ ପାଟୁଆମାନେ ମୀନ ସଂକ୍ରାନ୍ତିଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ନିଷ୍ଠାପର ସହ ବ୍ରତ ପାଳନ କରିଥାନ୍ତି। ଏହି ଚୈତ୍ର ମାସ ଝାଞ୍ଜି ଖରାରେ ମାନସିକଧାରୀ ବ୍ୟକ୍ତିମାନେ ପାଟୁଆ ବେଶରେ ସୁସଜ୍ଜିତ ହୋଇ ଗାଁକୁ ଗାଁ ବୁଲି ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି। ଗାଁ ଗଣ୍ଡାରେ ଯିଏ ଯାହା ଶ୍ରଦ୍ଧାର ସହ ଭିକ୍ଷା ତଥା ଟଙ୍କା ପଇସା , ଧାନ ଚାଉଳ , ପନି ପରିବା ଯାହା ମିଳେ ବ୍ରତଧାରୀ ଗ୍ରହଣ କରିଥାନ୍ତି। ପ୍ରତିଦିନ ସକାଳେ ନିତ୍ୟକର୍ମ ସାରି ଶୁଦ୍ଧ ପୂତ ଭାବେ ପଣା ପିଇ ସୁସଜ୍ଜିତ ବେଶରେ ପାଟୁଆ ବେଶରେ ଧାରଣ କରିଥାନ୍ତି। ଶରୀରରେ ଏକ ଲାଲ୍ ଶାଢ଼ୀ ପରିଧାନ କରି ହାତରେ ଏକ ମୁଣ୍ଡଳୀ ଆକାରର ବେତରେ ସିନ୍ଦୂର ନାଲି କପଡ଼ା ବାନ୍ଧି ଦିଅଯାଏ। ପାଟୁଆମାନେ ହାତରେ କଙ୍କଣ ଓ ପାଦରେ ଘୁଙ୍ଗୁର ବାନ୍ଧି ଗାଁ ପରିଭ୍ରମଣ କରିଥାନ୍ତି। ଏହି ପାଟୁଆ ବ୍ରତଧାରୀମାନେ ଦିନରେ ଥରେ ପଣା ପିଇ ରତିରେ ଅରୁଆ ଅନ୍ନ ପ୍ରସାଦ ଗ୍ରହଣ କରିଥାନ୍ତି। ବିଶ୍ୱାସ ଅଛି ଏହି ବ୍ରତଧାରୀମାନେ ମାସ ସାରା ନିଷ୍ଠାପର ଭାବେ ଖାଲି ପାଦରେ ଚାଲିବା ସହ ପଣା ସଂକ୍ରାନ୍ତି ଝାମୁଯାତ୍ରାର ମା' ରାମଚଣ୍ଡୀଙ୍କ ସୁସଜ୍ଜିତ ଚଳନ୍ତୀ ବିମାନ ସମ୍ମୁଖରେ ରଡ ନିଆଁରେ ୭ ଥର ଚାଲିଥାନ୍ତି। ମା'ଙ୍କ କୃପାରୁ ବ୍ରତଧାରୀ ପାଟୁଆ ରଡ଼ ନିଆଁରେ ଚାଲିଲେ ମଧ କିଛି କ୍ଷତି ହୋଇ ନ ଥାଏ ବୋଲି କହିଛନ୍ତି। ଶରୀର ଆରୋଗ୍ୟ ଓ ସମାଜର ମଙ୍ଗଳ ପାଇଁ ଜଣେ କୁନି ବୟସର ବ୍ରତଧାରୀ କହିଛନ୍ତି। ବିଶେଷ କରି ମା'ଙ୍କ ପୀଠରେ ରାଉଳମାନେ ମାସ ସାରା ଗାଁକୁ ଗାଁ ବୁଲି ମା'ଙ୍କ ଘଣ୍ଟ ପରିକ୍ରମା କରି ଥାନ୍ତି।

# ଡେରାବିଶରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ଦାବି

**ଡେରାବିଶ, ୨୩।୩ (ସ୍ୱ.ପ୍ର.)**



ବୈଠକରେ ଉପସ୍ଥିତ ଜିଲା ଶ୍ରମିକ ସଂଘର କର୍ମକର୍ତ୍ତାମାନେ।

## ଜିଲା ଚାଷୀ ଶ୍ରମିକ ସଂଘର ପ୍ରସ୍ତୁତି ବୈଠକ

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ଦାବି ନେଇ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ଦୀର୍ଘଦିନ ହେବ ଆନ୍ଦୋଳନ ଜାରି ରହିଛି। ତେବେ ଜିଲା ପ୍ରଶାସନର ଟାଳଟୁଳ ନୀତି ନେଇ ଏହି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବାରେ ବିଳମ୍ବ ହେଉଥିବାରୁ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ବୁଧବାର ସନ୍ଧ୍ୟାରେ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି କେନ୍ଦ୍ରାଞ୍ଚଳ ଆୟୁକ୍ତ, ସ୍ଥାନୀୟ ବିଧାୟିକାଙ୍କ ନିକଟରେ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଉପଜିଲାପାଳ ଓ ତହସିଲଦାର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବାକୁ ସରକାରଙ୍କ ନିକଟକୁ ପ୍ରଶାସନ ପକ୍ଷରୁ ଆମ୍ଭମାନଙ୍କ ପ୍ରସ୍ତାବକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଜିଲା ପ୍ରଶାସନ ଏ ଦିଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଥିବା ନେଇ ସଭାପତି ମିଶ୍ର ସୂଚନା ଦେଇଥିଲେ। ମାତ୍ର ଏହି ଆନ୍ଦୋଳନକୁ ଜୋରଦାର କରିବାକୁ ଏବଂ ଆନ୍ଦୋଳନରେ ସମସ୍ତ ପଞ୍ଚାୟତର ସବୁବର୍ଗର ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ମିଶ୍ର ଆହ୍ୱାନ ଦେଇଥିଲେ। ଏଥିରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ସଂଘର ଦାବିର ଯଥାର୍ଥତା ଉପରେ ଆଲୋକପାତ କରିବା ସହ ଛତାଠାରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ପାଇଁ ସେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ କୃତ୍ତିବାସ ଦାସ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଅନନ୍ତ କିଶୋର ଭୂୟାଁ, ମଦନ ମହାନ୍ତି, ଶରତ ମଲିକ, ଶରତ ସାହୁ, ଭରତ ଚନ୍ଦ୍ର ସିଂ, ରବୀନ୍ଦ୍ର ମହାରଣା, ଆଦିକନ୍ଦ ବଳ, ଲକ୍ଷ୍ମୀକାନ୍ତ ମହାନ୍ତି, ମରୁତ ସ୍ୱାଇଁ ପ୍ରମୁଖ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବା ଉପରେ ନିଜ ନିଜର ମତାମତ ରଖିଥିଲେ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ପ୍ରତ୍ୟେକ ପଞ୍ଚାୟତରେ ବୈଠକମାନ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ସୂଚନା ଥାଉ କି ନିଜର ଜମିଜମା ସଂକ୍ରାନ୍ତୀୟ ଦଲିଲପତ୍ର କରିବାକୁ ଡେରାବିଶ ବ୍ଲକ ଅଞ୍ଚଳର ଲୋକମାନେ କେନ୍ଦ୍ରାପଡ଼ା ସହରରେ ଥିବା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉପରେ ଦୀର୍ଘବର୍ଷ ହେବ ନିର୍ଭରଶୀଳ ହେଉଥିବାରୁ ସାଧାରଣରେ ବହୁ ସମସ୍ୟା ଦେଖାଦେଇଛି।

## ପୋଲିସ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆସିକା, ୨୩।୩ (ଡି.ଏନ୍.ଏ): ଆସିକା ଥାନା ପରିସରରେ ବୁଧବାର ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସିକା ଥାନାରୁ ଅନ୍ୟତ୍ର ବଦଳି ହୋଇଥିବା ପୋଲିସ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏସଡିପିଓ ଉମାଶଙ୍କର ସିଂ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏବଂ ବିଭିନ୍ନ ଥାନାର ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ୱାର୍ଲ୍ଡ ଟିବି ଡେ। ସ୍ଥାନ-ସିଟି ହସ୍ପିଟାଲ ଆଇଇସି କେନ୍ଦ୍ର ପରିସର,ସମୟ-ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗୀତା। ସ୍ଥାନ- କୁଇନ ଅଫ ଦ ମିଶନ ହାଇସ୍କୁଲ, ସମୟ-ପୂର୍ବାହ୍ନ ୧୧ଟା।

**ଦାରିଙ୍ଗବାଡି**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ଜନ ଶୁଣାଣି। ସ୍ଥାନ ବ୍ଲକ କାର୍ଯ୍ୟାଳୟ, ସମୟ -ପୂର୍ବାହ୍ନ ୧୧ ଟା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ିଗଲା କାର୍



କବିସୂର୍ଯ୍ୟନଗର,୨୩।୩(ଡି.ଏନ.ଏ.)-ରାସ୍ତା କଡ଼ ପୋଖରୀ ଭିତରେ ବୁଡିଗଲା କାର। ଦୁର୍ଘଟଣାଗ୍ରସ୍ତ କାର ଭିତରେ ଥିବା ଦୁଇଜଣ ବର୍ତ୍ତିଯାଇଥିବା ଜଣାଯାଇଛି। କବିସୂର୍ଯ୍ୟନଗର ଥାନା ଆଠଗଡ ପାଟଣା -ଛିନ୍ନମସ୍ତା ମନ୍ଦିର ନିକଟରେ ବୁଧବାର ରାତିରେ ଫୁଲବାଣୀରୁ ଭେଜିପୁଟ ଯାଉଥିବା ଏକ ଧଳା ରଙ୍ଗର ସ୍ୱିଫ୍ଟ କାର ଭାରସାମ୍ୟ ହରାଇ କଲଭର୍ଟକୁ ପିଟିହୋଇ ରାସ୍ତାକଡ଼ ପୋଖରୀରେ ବୁଡ଼ିଯାଇଥିଲା। କାରରେ ବସିଥିବା ଦୁଇଜଣ କୌଶଳ କ୍ରମେ ବାହାରକୁ ବାହାରି ଆସିଥିଲେ। ଗୁରୁବାର ସକାଳୁ ସକାଳୁ ସ୍ଥାନୀୟ ଲୋକେ କାରଟିକୁ ପୋଖରୀରୁ ବାହାର କରିଥିଲେ।

### କନ୍ୟାରତ୍ନ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର

ଗଞ୍ଜାମ,୨୩।୩(ଡି.ଏନ.ଏ.)-କନ୍ୟାରତ୍ନ ଶିଶୁ ସୁରକ୍ଷାକୁ ନେଇ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଗଞ୍ଜାମ ବ୍ଲକ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଜନ ପ୍ରତିନିଧିମାନଙ୍କୁ ନେଇ ଏକ ତାଲିମ ଶିବିର ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନଙ୍କ ପରାମର୍ଶକ୍ରମେ ସିଡିପିଓ ସଲୀଳା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବା ସହ ଶିଶୁ ଶୁରକ୍ଷା ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ଯ ସନାତନ ବେହେରା, ଏବିଇଓ ସଂଯୁକ୍ତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଡ଼ିପିସି ଦେବବ୍ରତ ମହନ୍ତ, ପ୍ରୋଗ୍ରାମ ସଂଯୋଜକ କାମେଶ୍ୱର ପରିଡା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପିଆରଆଇ ମେମ୍ବର ମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧରେ ସଚେତନ ମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ପ୍ରାୟ ୭୦ ଜଣ ପିଆରଆଇ ମେମ୍ବର ଉପସ୍ଥିତ ରହି ଶିଶୁ କନ୍ୟା ସୁରକ୍ଷା ନେଇ ଶପଥ ଗ୍ରହଣ କରିଥିଲେ।

### ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ
### ତଦନ୍ତ କରୁନାହାନ୍ତି ଡିଇଓ, ଏସ୍‌ଏମ୍‌ସିର କ୍ଷୋଭ

ଖଜୁରିପଡ଼ା,୨୩।୩-କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର ପାଠପଢା ବଦଳରେ ରାଜନୀତି କରୁଥିବା ଏବଂ ସ୍କୁଲରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଯୋଗୁଁ ପାଠ ପଢ଼ାରେ ଅବହେଳା ଘଟୁଛି ବୋଲି ସ୍କୁଲ ପରିଚାଳନା ସଭାପତି ପ୍ରଫୁଲ୍ଲ ବେହେରାଙ୍କ ସମେତ ଏସ୍‌ଏମ୍‌ସି ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ମଧ୍ୟରେ ଅଭିଯୋଗର ତଦନ୍ତ କରି ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏକ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ମଧ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇନାହିଁ ବୋଲି ସ୍କୁଲ କମିଟି କ୍ଷୋଭ ପ୍ରକାଶ କରିଛି। ଗତ ୨୨ ତାରଖରେ ସ୍କୁଲ କମିଟି ସହିତ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ସ୍କୁଲ କମିଟି ଉପସ୍ଥିତ ଥିଲେ ମଧ ଜିଲା ଶିକ୍ଷାଧିକାରୀ ଆସିନଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀ ଭୁବନେଶ୍ୱର ଯାଇଛନ୍ତି, ଆସିଲେ ଆଉ ଗୋଟେ ଡେଟ୍ କରି ସ୍କୁଲକୁ ଯିବେ।

## ଜନଜାତି ସମାବେଶକୁ ଆଦିବାସୀ ସମନ୍ୱୟ ସମିତିର ବିରୋଧ
# ସମାବେଶରେ ଯୋଗ ନ ଦେବାକୁ ଆହ୍ୱାନ

**ଫୁଲବାଣୀ ଅଫିସ, ୨୩।୩:**

ଆସନ୍ତା ୨୫ରେ ଭୁବନେଶ୍ୱରରେ ଓଡିଶା ଜନଜାତି ସୁରକ୍ଷାମଞ୍ଚ ପକ୍ଷରୁ ଏକ ବିଶାଳ ସମାବେଶ ହେବାକୁ ଯାଉଛି । ଏଥିଲାଗି ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି। ଏଥିରେ ଓଡିଶାର ଧର୍ମାନ୍ତରୀତଙ୍କୁ ଜନଜାତି ସଂରକ୍ଷଣରୁ ବାଦ ଦେବା ଦାବି ବୋଲି ଲେଖାଯାଇଛି। ଏହି ସଂଗଠନ ଏବଂ ଏହାର କର୍ମକର୍ତ୍ତାଙ୍କୁ ଓଡିଶା ଆଦିବାସୀ ସମନ୍ୱୟ ସମିତି କନ୍ଧମାଳ ଶାଖା ବିରୋଧ କରିଛି। ଆଦିବାସୀଙ୍କ ମଧ୍ୟରେ ଶତ୍ରୁତା, ଲଢ଼େଇ କରିବାକୁ ଏଭଳି ହୀନ ପ୍ରୟାସ କରାଯାଉଛି ବୋଲି ସଂଘ କର୍ମକର୍ତ୍ତା କହିବା ସହ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ କେହି ଯୋଗ ନ ଦେବାକୁ କହିଛନ୍ତି।

ଓଡ଼ିଶା ଆଦିବାସୀ ସମନ୍ୱୟ ସମିତି କନ୍ଧମାଳ ଶାଖା ସଂଘ ପକ୍ଷରୁ ଗୁରୁବାର ଅୟୋଜିତ ଖବରଦାତା ସମ୍ମିଳନୀରେ



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା ।

ସଂଘ ଆବାହକ ଲମ୍ବୋଦର କହଁର ଯୋଗଦେଇ ଆଦିବାସୀଙ୍କୁ ଭାରତରୁ ନିଶ୍ଚିହ୍ନ କରିବା ପାଇଁ ଆରଏସ୍‌ଏସ୍‌ର ଏହା ଏକ ଯୋଜନା। ମୂଳ ଧର୍ମରୁ ଯେଉଁମାନେ ବାହାରି ଯାଇଛନ୍ତି ସେମାନଙ୍କୁ ଆଦିବାସୀ ସଂରକ୍ଷଣରୁ ବଞ୍ଚିତ କରିବା ପାଇଁ ଜନଜାତି ସୁରକ୍ଷା ମଞ୍ଚ ପ୍ରଚାରପତ୍ର ବାଣ୍ଟିଛି । ଆମେ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରୁଛୁ । ଏହି ଦାବି ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧି । ଧାରା ୩୪୨ରେ ଲେଖାଯାଇଛି ଜଣେ ଆଦିବାସୀ ଯେ କୌଣସି ଧର୍ମ ଗ୍ରହଣ କଲେ ବି ଜାତି ପରିବର୍ତ୍ତନ ହେବନାହିଁ। ସେମାନେ ଆଦିବାସୀ ହିଁ ରହିବେ । ଆମେ ଅନୁଭବ କରୁଛୁ ଆଦିବାସୀଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି କରି ସଂଖ୍ୟା ଲଘୁ କରିବା, ବିଭାଜନ ସୃଷ୍ଟି କରିବା, ରାଜନୈତିକ ଫାଇଦା ନେବା ପାଇଁ ଏହା ଏକ ହୀନ ଷଡଯନ୍ତ୍ର । ଯେଉଁମାନେ ଏହି ସମାବେଶକୁ ଯାଉଛନ୍ତି ସେମାନେ ଆଦିବାସୀ ବିରୋଧି ବୋଲି ଜନଜାତି ସୁରକ୍ଷା ମଞ୍ଚର ଉପଦେଷ୍ଟା, ପ୍ରାନ୍ତ ସଂଯୋଜକ ଆର୍‌ଏସ୍‌ଏସ୍ ଏବଂ ଭାଜପା ଦ୍ୱାରା ପରିଚାଳିତ । ଏମାନଙ୍କର ଲକ୍ଷ୍ୟ ହେଲା ଆଦିବାସୀଙ୍କୁ ନିଶ୍ଚିହ୍ନ କରିବା । ସେମାନଙ୍କୁ ସମସ୍ତ ଅଧିକାରରୁ ବଞ୍ଚିତ କରିବା । ଏହି ସମାବେଶକୁ କେହି ଯାଆନ୍ତୁ ନାହିଁ । ଏଥିରେ ଆଦିବାସୀଙ୍କର ହିଁ କ୍ଷତି ହେବ ବୋଲି କହିଛନ୍ତି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜି.ଉଦୟଗିରି ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ସଭାପତି ପୁଷାରା କହଁର, ପୂର୍ବତନ ସଭାପତି ଭାସ୍କର ପ୍ରଧାନ, ପ୍ରଦୀପ କହଁର, ମକୁନ୍ଦ କହଁର, ଦୟାନିଧି ମଲ୍ଲିକ, ଦୀନବନ୍ଧୁ କହଁର, ଲକ୍ଷ୍ମଣ ପ୍ରଧାନ, ରାମମୂର୍ତ୍ତି ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ମା' ଚାମୁଣ୍ଡେଶ୍ୱରୀଙ୍କ ବାସନ୍ତୀକ ନବରାତ୍ର ପୂଜା



ମାଁ ଚାମୁଣ୍ଡା ।

**ଦିଗପହଣ୍ଡି,୨୩।୩(ଡି.ଏନ.ଏ.)**

ଦିଗପହଣ୍ଡି ସହର ଉପକଣ୍ଠ ଚାଙ୍ଗୁଡିଦେଇ ପର୍ବତ ଶିଖରରେ ବିଜେ ମାଁ ଚାମୁଣ୍ଡେଶ୍ୱରୀଙ୍କ ପୀଠରେ ବାସନ୍ତୀକ ନବରାତ୍ର ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି। ପଣ୍ଡିତ ବିଶ୍ୱନାଥ ଖାଡ଼ଙ୍ଗାଙ୍କ ତତ୍ତ୍ୱାବଧାନରେ ଏହି ପୂଜାର୍ଚ୍ଚନା ପରିଚାଳିତ ହେଉଥିବା ବେଳେ ପ୍ରକାଶ ଚନ୍ଦ୍ର ଶତପଥୀ କର୍ତ୍ତା ଆସନ ଅଳଂକୃତ କରି ପୂଜା ହୋମ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ କୃପାସିନ୍ଧୁ ଦାସ ଓ ଅନ୍ତର୍ଯ୍ୟାମୀ ଦାସ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ପରିଚାଳନା କରି ପଣ୍ଡିତ ବର୍ଗଙ୍କୁ ଯଜ୍ଞାନୁଷ୍ଠାନରେ ମଧ ସହଯୋଗ କରି ଆସୁଛନ୍ତି। ଆଗାମୀ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ୩ ଦିନ ବ୍ୟାପି ମାଁଙ୍କ ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଅନ୍ନ ଯଜ୍ଞ ଓ ନାମଯଜ୍ଞର ଆୟୋଜନ କରାଯାଇଛି। ଗୁରୁବାର ଏହି ଯଜ୍ଞର ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ଡଃ. ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ଲଲାଟେନ୍ଦୁ ପଧାନ, କୋଷାଧ୍ୟକ୍ଷ ମିଳନ ପାଣିଗ୍ରାହୀ, ଉପ ସଭାପତି ନିରୁପମା ପଟ୍ଟନାୟକ, ସହ ସମ୍ପାଦକ କାଳୁଚରଣ ବେହେରାଙ୍କ ସମେତ ଅଜୟ ପ୍ରଧାନ, ଓମ ପ୍ରକାଶ ପାତ୍ର, ପ୍ରଜ୍ଞାନ ଶତପଥୀ, ସୁଧାଂଶୁ ପ୍ରଧାନ, ଗଣେଶ ଚନ୍ଦ୍ର ପଣ୍ଡା, ପ୍ରଦୀପ ଦୋରା, ରାକେଶ ପଶୁପାଳକ, ବିଘ୍ନରାଜ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଥିବା ଦେଖାଯାଇଛି।

# ଛତୁ ଚାଷ ତାଲିମ ଶିବିର

**ଆର.ଉଦୟଗିରି,୨୩।୩(ଡି.ଏନ.ଏ.)**

ଉଦ୍ୟାନ ବିଭାଗ ତରଫରୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଛତୁ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋହନା, ଆର.ରାଉଦୟଗିରି ଏବଂ ନୂଆଗଡ଼ ବ୍ଲକରୁ ୧୦ଲେଖାଏ ମହିଳା ସ୍ୱୟଂ ସହିୟିକା ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ଏହି ସଭାରେ ଗଜପତି ଜିଲାର ଉପ ଉଦ୍ୟାନ ନିର୍ଦ୍ଦେଶକ ଡା. ଶୁଶାନ୍ତ ରଞ୍ଜନ ଦାଶ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ବରିଷ୍ଠ ବୈଜ୍ଞାନକ ଡା. ସଂଗ୍ରାମ ପରମଗୁରୁ, ଡିପିସି (ମିଶନ ଶକ୍ତି) ରଶ୍ମି ରଞ୍ଜନ ସେଠୀ, କୃଷି ଜିଲା ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କିପରି ମହିଳାମାନେ ଛତୁ ଚାଷ ମାଧମରେ



ତାଲିମ ଶିବିରରେ ଉପସ୍ଥିତ ଅତିଥି ।

ବିଭିନ୍ନ ସରକାରୀ ସହାୟତାର ସୁବିଧା ପାଇ ପାରିବେ ସେ ବିଷୟରେ ଉଦ୍ୟାନ ଉପ ନିର୍ଦ୍ଦେଶକ ଆଲୋଚନା କରିଥିଲେ। ଶେଷରେ ସରକାରଙ୍କ ଛତୁ ମିଶନକୁ ସଫଳ କରିବା ପାଇଁ ସଭ୍ୟାମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ସଭାକୁ ହର୍ଟିକଲ୍ଚର ଓଭରସିୟର କରୁଣାକର ପାଇକ ପରିଚାଳନା କରିଥିଲେ।

## କ୍ଷୀରରୁ ବାହାରୁଛି ଲୁଗା ସଫା ପାଉଡର ଗନ୍ଧ

**ବାଲିଗୁଡା,୨୩।୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡାରେ ବିକ୍ରି ହେଉଥିବା ଏକ ଘରୋଇ କମ୍ପାନୀର କ୍ଷୀର ପ୍ୟାକେଟରୁ ଲୁଗାସଫା ପାଉଡର ଗନ୍ଧ ବାହାରୁଥିବା ଅଭିଯୋଗ ହୋଇଛି। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା କ୍ଷୀର, ଦହି, ପନିରରେ ବ୍ୟାପକ ଅପମିଶ୍ରଣ ସାଙ୍ଗକୁ ଦୁର୍ଗନ୍ଧ ହେଉଥିବା ମଧ ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। କ୍ଷୀର ସିଝାଇବା ବେଳେ ଏପରି ଦୁର୍ଗନ୍ଧ ବାହାରୁଥିବା ଜଣାପଡ଼ିଛି। ସେହିପରି କ୍ଷୀର ପ୍ୟାକେଟରୁ ଦହି ବାହାରୁଛି, ଦହି ପ୍ୟାକେଟରୁ କ୍ଷୀର ବାହାରୁଛି। ପନିର ମଧ ଆମ୍ବିଳା ବାସନା ସହ ଏକ ପ୍ରକାର ଗନ୍ଧ ବାହାରୁଛି। ଏ ନେଇ ଗ୍ରାହକ ଶରତ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ନାୟକ, ବିରଞ୍ଚି ବେହେରା ଓ ମେଡିକାଲର କିଛି କର୍ମଚାରୀ ଅଭିଯୋଗ କରିବା ସହ ଖାଉଟି ସୁରକ୍ଷା ବିଭାଗର ଆଶ୍ରୟ ନେବେ ବୋଲି ଜଣାଇଛନ୍ତି। ଏ ସମ୍ପର୍କରେ ଫୁଲବାଣୀରେ ଥିବା କମ୍ପାନୀର ମାର୍କେଟିଂ ଅଧିକାରୀ ବୈଦ୍ୟନାଥ ଗୌଡ଼ଙ୍କୁ ପଚାରିଲେ ସେ କମ୍ପାନୀକୁ ଜଣାଇଛୁ, ତଦନ୍ତ ପରେ ଜଣାପଡିବ ବୋଲି ସଫେଇ ଦେଇଛନ୍ତି।

## ଭଗତ ସିଂଙ୍କ ବଳିଦାନ ଦିବସ




ବିକ୍ଷୋଭ ସଭାରେ ଉପସ୍ଥିତ କର୍ମକର୍ତ୍ତା ।

**ଭଞ୍ଜନଗର,୨୩।୩(ଡି.ଏନ୍.ଏ)**

ମହାନ ବିପ୍ଳବୀ ଶହୀଦ ଭଗତ ସିଂଙ୍କ ଗୁରୁବାର ୯୨ତମ ଶହୀଦ ଦିବସ ଅବସରରେ ସିପିଆଇ(ଏମଏଲ) ରେଡଷ୍ଟାର ଗଞ୍ଜାମ ଜିଲା କମିଟି ପକ୍ଷରୁ ଭଞ୍ଜନଗର ଠାରେ ଏକ ସଭା ପେଦିନୀ ପାର୍ବତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ କମ୍ରେଡ ଶଙ୍କର ଅତିଥି ଭାବେ ଯୋଗଦେଇ ବଳିଦାନ ଦିବସ ସମ୍ପର୍କରେ କହିଥିଲେ। ବିଜେପି ଏବଂ ବିଜେଡି ଓଡ଼ିଶାକୁ ଛାରଖାର କରିଚାଲିଛନ୍ତି। ଏହା ବିରୁଦ୍ଧରେ ଭଗତ ସିଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶକୁ ସୁରକ୍ଷା ଦେବା ପ୍ରଥମ କର୍ତ୍ତବ୍ୟ ବୋଲି ବକ୍ତାମାନେ କହିଥିଲେ। ଏହି ସଭାରେ ଜିଲା ସମ୍ପାଦକ କମ୍ରେଡ ଶଙ୍କର, କ୍ରାନ୍ତିକାରୀ କୃଷକ ସଭାର ଜିଲା ସମ୍ପାଦକ ଟୁନା ମଲ୍ଲିକ, ଆଦିବାସୀ ଭାରତ ମହାସଭାର ଜିଲା ସଭାପତି ପୂର୍ଣଚନ୍ଦ୍ର ପ୍ରଧାନ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନର ଜିଲା ସମ୍ପାଦକ ପେଦିନୀ ପାର୍ବତୀ, ବୁଗୁଡ଼ା ଅଞ୍ଚଳର ନିଧିଆ ପ୍ରଧାନ, ଜଗନ୍ନାଥ ପ୍ରସାଦ ବ୍ଲକର କାର୍ତ୍ତିକ ପ୍ରଧାନ, ମହିଳା ନେତ୍ରୀ ସନ୍ଧ୍ୟା ପ୍ରଧାନ, ତାରସିଂ ଉପାନ୍ତ ଅଞ୍ଚଳର ଅକ୍ଷୟ ପ୍ରଧାନ ଉପସ୍ଥିତ ଥିଲେ।

# ବାର୍ଷିକ ସାଧାରଣ ବୈଠକ

**ଆସିକା,୨୩।୩ (ଡି.ଏନ.ଏ.)**

ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ବୁଧବାର କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦର ସଭାପତି କାର୍ତ୍ତିକେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ମାମି ପଣ୍ଡା, ପରିଚାଳନା ପରିଷଦର ସଦସ୍ୟ ସଚ୍ଚିଦାନନ୍ଦ ରାଉତ, ରିଙ୍କି ପୋଲାଇ, ରବୀନ୍ଦ୍ର କୁମାର ସାମଲ, ସୁଜାତା ଉପାଧ୍ୟାୟ, ଭଗବାନ ବେହେରା, ତାରିଣୀ ଚରଣ ଦାସଙ୍କ ସମେତ ପରିଚାଳନା ପରିଷଦର ସଦସ୍ୟ ଓ ସାଧାରଣ ସଭ୍ୟ ଅଂଶ ଗ୍ରହଣ କରିଥିଲେ। ବୈଠକରେ ୨୦୨୧-୨୨ ଓ ୨୨-୨୩ର ଜମାଖର୍ଚ୍ଚ ପଠନ ସହ ସମ୍ମୁଖ ବର୍ଷର ବଜେଟର ଅଟକଳ ଏବଂ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅତିରିକ୍ତ ବାର୍ଷିକ ବଜେଟ ଅଟକଳ ମୁରୀ ହୋଇଥିଲା। ୨୦୧୯ଠାରୁ ୨୦୨୨ ଯାଏ ୩ବର୍ଷର ସମୀକ୍ଷା ରିପୋର୍ଟ ଉପରେ ଆଲୋଚନା କରାଯାଇ ଏହାକୁ ଗୃହୀତ କରାଯାଇଥିଲା। ୨୦୨୩-୨୪ ସାଲର ପ୍ରସ୍ତାବିତ ବଜେଟର ଅଟକଳକୁ ଅନୁମୋଦନ କରାଯାଇଥିଲା। ଚଳିତ ବର୍ଷ ସମିତି ପକ୍ଷରୁ ଆସିକା ମୁଖ୍ୟ କାର୍ଯ୍ୟାଳୟ ଓ ଶେରଗଡ ଶାଖାରେ ଉନ୍ନତମାନର କୃଷି ଯନ୍ତ୍ରପାତି ବିକ୍ରୟ କେନ୍ଦ୍ର ଓ କେଶପୁର, କୋଦଳା, ଗାଙ୍ଗପୁର ଆଦି ଶାଖାରେ ଖାଲି ପଡିଥିବା ଜାଗାରେ ରାଜ୍ୟପଣ୍ୟାଗାର ନିଗମ ସହ ଆଲୋଚନା ପୂର୍ବକ ଗୋଦାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ମେ' ୨ରେ ବରମୁଣ୍ଡଳୀ, କୁମାରପାଣି ପଞ୍ଚାୟତ ନିର୍ବାଚନ

**ଶେରଗଡ଼,୨୩।୩(ଡି.ଏନ୍.ଏ.):**

ଶେରଗଡ଼ ବ୍ଲକର ବରମୁଣ୍ଡଳୀ ଓ କୁମାରପାଣି ପଞ୍ଚାୟତ ଓ ୩୮ଟି ୱାର୍ଡ ପାଇଁ ମେ' ୨ରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନର। ଏଥି ନିମନ୍ତେ ୨୯ରେ ନୋଟିସ ଜାରି, ଏପ୍ରିଲ ୪ରୁ ୬ ମଧ୍ୟରେ ନାମାଙ୍କନ ଦାଖଲ କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ବ୍ଲକର ୨୨ଟି ପଞ୍ଚାୟତରେ ମୋଟ ୩୮ଟି ୱାର୍ଡରେ ମଧ ଭୋଟ ହେବ। ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

## ସାମର୍ଥ୍ୟ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ଆର.ଉଦୟଗିରି,୨୩।୨(ଡି.ଏନ୍.ଏ.)**

ମୋହନା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ପାଇଁ ଅନ୍ତର୍ନିର୍ବେଶୀ ଶିକ୍ଷା ଉପରେ ଆଧାରିତ ଶିକ୍ଷକ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଦୁଇଟି ପର୍ଯ୍ୟାୟରେ ୭୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଚାଲିଥିଲା। ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଆରପିଡବ୍ଲୁଡି ୨୦୧୬ ଅନୁଯାୟୀ ସମସ୍ତ ସରକାରୀ ବିଦ୍ୟାଳୟରେ ସାଧାରଣ ବର୍ଗର ପିଲାମାନଙ୍କ ସହ ସ୍ୱତନ୍ତ୍ର ଆବଶ୍ୟକତା କରୁଥିବା ଶିକ୍ଷାର୍ଥୀ ଶିକ୍ଷା ଲାଭ କରିପାରିବେ ଓ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ସେମାନଙ୍କ ଅଭିଭାବକଙ୍କୁ ସଚେତନତା, ଚିହ୍ନଟକରଣ, ଶ୍ରେଣୀ ପରିଚାଳନା ଓ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ତତ୍‌ସହିତ ଏହା କିପରି ବିଦ୍ୟାଳୟସ୍ତରରେ ଉପଯୋଗ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୋହନା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଦେବଦାସ ତମରାପୁ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୁନା ପାତ୍ର ପ୍ରତିଦିନ ତଦାରଖ କରନ୍ତି। ବରିଷ୍ଠ ସାଧନ କର୍ମୀ ଭାବେ ଜୟ ସେଠୀ, ସୁମନ୍ତ ପ୍ରଧାନ, ଇତିରଞ୍ଜନ ମହାପାତ୍ର, ଗୌରହରି ପୋଲାଇ ଓ ସିଆର୍‌ସିସି ସିଦ୍ଧାର୍ଥ ପାତ୍ର ତାଲିମ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ। ସାଧନ ସମ୍ବଳ କର୍ମୀ ପ୍ରକାଶ କୁମାର ସାହୁ ଓ ସୁମନ୍ତ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜଳ ଯୋଗାଣ ପ୍ରକଳ୍ପ ଭରସାରେ ରାଇକିଆବାସୀ

**ରାଇକିଆ,୨୩।୩(ଡି.ଏନ.ଏ)**

**୩୦ ବର୍ଷ ପୁରୁଣା**

ରାଇକିଆ ସହରର ପାନୀୟ ଜଳ ଯୋଗାଣ ହେଉଛି ଏକ ପ୍ରମୁଖ ସମସ୍ୟା। ସହରବସୀଙ୍କ ପ୍ରତ୍ୟକ ଘରକୁ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବା ଏକ ପ୍ରକାର ସ୍ୱପ୍ନ ପାଲଟିଛି । ୩୦ ବର୍ଷ ତଳର ପୁରୁଣା ଜଳ ଯୋଗାଣ ପ୍ରକଳ୍ପରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନ ସଂଖ୍ୟା ବିଶିଷ୍ଟ ରାଇକିଆ ସହରକୁ ଜଳ ଯୋଗାଣ ହେଉଛି। ଅନେକ ସ୍ଥାନକୁ ନିୟମିତ ପାଣି ପହଞ୍ଚି ପାରୁନାହିଁ। ଖରା ଦିନେ ପାଣି ପାଇଁ ଟ୍ୟାଙ୍କର ଭରସାରେ ହିଁ ଅନେକ ଅଞ୍ଚଳ ରହୁଛି। ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ କ୍ରମ ବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଦୃଷ୍ଟିରେ ନୂତନ ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏ ନେଇ ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ କହିଛନ୍ତି, ରାଇକିଆ ପଞ୍ଚାୟତର ପାନୀୟ ଜଳ ଯୋଗାଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି। ପଞ୍ଚାୟତ ତରଫରୁ ଯଥା ସମ୍ଭବ ଉଦ୍ୟମ କରାଯାଉଛି କିନ୍ତୁ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ହିଁ ସବୁ ସ୍ଥାନକୁ ପାନୀୟ ଜଳ ପହଞ୍ଚି ପାରିବ। ଅନ୍ୟ ପକ୍ଷରେ ରାଇକିଆରୁ ଅଲଗା ହୋଇ ସ୍ୱତନ୍ତ୍ର ଭାବେ ନୂତନ ପଞ୍ଚାୟତ ଗଠନ ହୋଇଥିବା ବେରେଡ଼ାକିଆ ପଞ୍ଚାୟତର ମଧ ଅନୁରୂପ ଅବସ୍ଥା। ଏଠାରେ ମଧ ନୂତନ ପ୍ରକଳ୍ପର ଆବଶ୍ୟକତା ଥିବା ବେଳେ କେବଳ ନଳକୂପ ଭରସାରେ ହିଁ କେତେକ ୱାର୍ଡ ରହିଛି। ବାସନ୍ତୀ ପଲ୍ଲୀ, କାଲୁମାହା ଅଞ୍ଚଳରେ ବର୍ଷ ତମାମ ଜଳ ସମସ୍ୟା ରହୁଛି। ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ କୁହନ୍ତି, ପଞ୍ଚାୟତରେ ଜଳ ଉତ୍ସ ରହିଛି। ପ୍ରଶାସନ ତରଫରୁ ଏଥି ପ୍ରତି ଧ୍ୟାନ ଦିଆ ଯିବା ସହ ନୂତନ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ସ୍ଥାୟୀ ସମାଧାନ ହୋଇ ପାରିବ। ଏ ନେଇ ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଷୋୟୀ କୁହନ୍ତି, ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର କାର୍ଯ୍ୟ ଶେଷ ହୋଇଛି। ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେଲେ ଉଭୟ ରାଇକିଆ ଓ ବେରେଡ଼ାକିଆ ପଞ୍ଚାୟତର ଜଳ ସମସ୍ୟା ସମାଧାନ ହୋଇପାରିବ।

# କନ୍ଧମାଳର ସତ୍ୟ ଘଟଣାକୁ ନେଇ ସିନେମା 'ବିଗୁଲ'

**ଦାରିଙ୍ଗବାଡି,୨୩।୩(ଡି.ଏନ୍.ଏ):**

କନ୍ଧମାଳ ଜିଲା ଦାରିଙ୍ଗବାଡିଠାରେ କନ୍ଧମାଳ ଜିଲାର ବିଭିନ୍ନ ସତ୍ୟ ଘଟଣାକୁ ନେଇ ଓଡ଼ିଆ ଫିଲ୍ମ 'ବିଗୁଲ' ସୁଟିଂ ଆରମ୍ଭ ହୋଇଛି। ଏହା ଓଡ଼ିଆରେ ସୁଟିଂ ହେଉଥିବା ବେଳେ ହିନ୍ଦୀ ଭାଷାରେ ଡବିଂ କରାଯିବାକୁ ଯୋଜନା କରାଯାଉଛି ବୋଲି କହିଛନ୍ତି ନିର୍ଦ୍ଦେଶକ ଅଜୟ କୁମାର ପାଢ଼ୀ। ସ୍ଥାନୀୟ ମା' ପଟ୍ଟଖଣ୍ଡାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଙ୍ଗଳବାରଠାରୁ ଡୁଲୁରୀ ପାଇନ ବଣ ସମେତ ୫୯ନଂ ଜାତୀୟ ରାଜପଥର ବିଭିନ୍ନ ଜଙ୍ଗଲ ଘାଟି ରାସ୍ତାରେ ସୁଟିଂ ଚାଲିଛି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶନା ଏବଂ ସର୍ବେଶ୍ୱର ସୁତାରଙ୍କ ପ୍ରଯୋଜନାରେ 'ବିଗୁଲ' କନ୍ଧମାଳ ଜିଲାର ହଳଦୀ ଚାଷୀ କିଭଳି ଦଲାଲଙ୍କ ଦ୍ୱାରା ଶୋଷିତ ହେଉଛନ୍ତି, ଏଥିସହ ପରମ୍ପରା ଦଣ୍ଡନାଚ, ଘାଟି ରାସ୍ତାରେ ଲୁଟପାଟ, ଅନ୍ଧ ବିଶ୍ୱାସ, ଗୁଣିଗାରେଡି ସହ ଅନୁସୂଚିତ ଜାତି ଜନଜାତିଙ୍କ ପାରମ୍ପରିକ ଚଳଣୀ ସହ ସେମାନଙ୍କ ଜଙ୍ଗଲଜାତୀୟ ସାମଗ୍ରୀକୁ

**'ଥରିଯିବ ଏବେ ଲୋକଙ୍କ ଛାତି, ବାଜିବ ବିଗୁଲ ନାଚିବ ହାତୀ'**



ବିଗୁଲ ସିନେମାର ଶୁଟିଂ ଚାଲିଛି।

ବିକ୍ରିବଟା କାହାଣି ଏହି ଫିଲ୍ମରେ ରହିଛି। ନାୟିକା ସୁପ୍ରିୟା ନାୟକ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି । ଏହାର ପୋଷ୍ଟରେ ନାରା ରହିଛି 'ଥରିଯିବ ଏବେ ଲୋକଙ୍କ ଛାତି, ବାଜିବ ବିଗୁଲ ନାଚିବ ହାତୀ'। ଏହି ଫିଲ୍ମରେ ଓଲିଉଡ ସମେତ ମୁମ୍ବାଇର କିଛି ବିଶିଷ୍ଟ କଳାକାର ଅଭିନୟ କରୁଥିବା

**ଦାରିଙ୍ଗବାଡ଼ିରେ ଶୁଟିଂ ଆରମ୍ଭ**

ବେଳେ ଜିଲାର ସ୍ଥାନୀୟ କଳାକାର ତଥା ଓଡ଼ିଆ ସିନେମାର ଅଭିନେତା ତଥା କୁଇ ଗାୟକ, ସଙ୍ଗୀତଜ୍ଞ ଜଳନ୍ଧର ବେହେରା, ମିଳନ କହଁର, ଏବଂ ସୁବ୍ରତ ମହାନ୍ତିଙ୍କ ଭଳି ବହୁ କଳାକାର ସୁଯୋଗ ପାଇଛନ୍ତି। ଓଡ଼ିଆ ସିନେମା ଜଗତର ବିଶିଷ୍ଟ କଳାକାର ଇଲୁ ବାନାର୍ଜୀ ପୋଲିସ ଚରିତ୍ରରେ ଅଭିନୟ କରୁଛନ୍ତି। ଦାରିଙ୍ଗବାଡ଼ିରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ପ୍ରାୟ ସିନେମାର ସୁଟିଂ ଚାଲିବ ବୋଲି ଆସୋସିଏଟ ପ୍ରଡ୍ୟୁସର ହିମାଦ୍ରୀ କହିଛନ୍ତି।

# ଦୁବାଇରେ ୪ ଦାଦନ ଶ୍ରମିକଙ୍କୁ ନିର୍ଯାତନା

**ରାଜନଗର, ୨୩।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ବହୁ ବେକାରୀ ଯୁବକ ପରିବାର ପ୍ରତିପୋଷଣ ପାଇଁ ଦୁବାଇ ସମେତ ଦେଶ ବାହାରକୁ କାମ ଅନ୍ୱେଷଣରେ ଯାଇଛନ୍ତି। ଯୁବକମାନଙ୍କୁ କାମ ଧନ୍ଦା ଯୋଗାଇ ଦେବାକୁ କହି ଟୁରିଷ୍ଟ ଭିସାରେ ମାନବ ଚାଲାଣକାରୀ ଠିକାଦାରମାନେ କେନ୍ଦ୍ରାପଡ଼ା ଜିଲା ଉପକୂଳବର୍ତ୍ତୀ ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳରେ ସେମାନଙ୍କର କାୟା ବିସ୍ତାର କରିଛନ୍ତି। ସେମାନଙ୍କ ଜାଲରେ ଫସିଛନ୍ତି ରାଜନଗର ଅଞ୍ଚଳର ଯୁବକମାନେ। ମାନବ ଚାଲାଣକାରୀ ଠିକାଦାର ଦୁବାଇରେ ନେଇ ଯୁବକମାନଙ୍କୁ ପହଞ୍ଚାଇ ଦେବା ପରେ ଚୁକ୍ତି ମୁତାବକ କାମ ନ ଦେବା, ଠିକ୍ ଭାବେ ଖାଇବା ଓ ପିଇବାକୁ ନ ଦେଇ ନିର୍ଯାତନା ଦେଉଥିବା ନେଇ ରାଜନଗର ଥାନାରେ ସେମାନଙ୍କ ପତ୍ନୀମାନେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ ଧୋବେଇଗଡ଼ଗାଁର ବୃନ୍ଦାବନ ସ୍ୱାଇଁ। ରାଜନଗରରେ କାମ ଧନ୍ଦା ସବୁ ସମୟରେ ପାଉ ନ ଥିଲେ। ଗୁହାଳକଣି ଗାଁର ମାନବ ଚାଲାଣକାରୀ ଠିକାଦାର ରତ୍ନାକର ଦାସ ତାଙ୍କୁ ଦୁବାଇରେ କୁଶଳୀ ଶ୍ରମିକ ଭାବେ କାମ ଦେବା ସହ ମାସିକ ୧୨ ହଜାର ଦୁବାଇ କରେନ୍ସି ଦେବାକୁ ଚୁକ୍ତି କରି ପଠାଇ ଥିଲେ। ଏଥିପାଇଁ ରତ୍ନାକର ବୃନ୍ଦାବନଙ୍କଠାରୁ ନଗଦ ୭୫ ହଜାର ଟଙ୍କା ନେବା ସହ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଟୁରିଷ୍ଟ ଭିସାରେ ଦୁବାଇ ପଠାଇ ଥିଲେ। ସେଠାରେ ଭିସାର ଅବଧି ସରିବା ପୂର୍ବରୁ କମ୍ପାନୀ ଭିସା ଦେବ ବୋଲି ସେ କହିଥିଲେ। ଚଳିତମାସ ୫ ତାରିଖରେ ବିମାନ ଯୋଗେ ବୃନ୍ଦାବନ ଓ ତାଙ୍କ ସାଙ୍ଗରେ ବାଲିଝାରିର ଦେବେନ୍ଦ୍ର ଜେନା, ଖଣ୍ଡିଆପଡ଼ାର ରତିକାନ୍ତ ମଲ୍ଲିକ ଓ ଚକ୍ରଧରପୁରର ଅନ୍ୟ ଜଣେ ଯୁବକ ଦୁବାଇ ଯାଇଥିଲେ। ୬ ତାରିଖ ୧୦ଟାରେ ବିମାନ ବନ୍ଦରରୁ ଅମୀର ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ଆସି ନେଇଥିଲେ। କ୍ୟାବ ଅଫିସକୁ ନେବା ବଦଳରେ ଏକ ଭଡ଼ାଘରେ ନେଇ ନେଇ ରଖିଥିଲେ। ଭଡ଼ାଘରେ ଏମାନଙ୍କୁ ରଖିଦେଇ ଅମୀର ଆଉ ପାଖକୁ ଆସି ନ ଥିଲେ। ଏମାନେ ନେଇଥିବା ଟଙ୍କା ୨ରୁ୩ ଦିନ ମଧ୍ୟରେ ସରିଯିବା ପରେ ବମ୍ବେ ଅଫିସକୁ ଫୋନ କରି ସେମାନଙ୍କ ଅସୁବିଧା ସମ୍ପର୍କରେ ଜଣାଇ ଥିଲେ। ବମ୍ବେ ଅଫିସ କିଛି ଟଙ୍କା ଖାଇବା ପାଇଁ ଏମାନଙ୍କ ପାଖକୁ ପଠାଇ ଥିଲା। ଏହା ସରିଯିବା ପରେ ଦାଦନ ଯୁବକମାନେ ହା ହତାଶ ଏବଂ ଆଶଙ୍କା ଭିତରେ ଦିନ କାଟୁଛନ୍ତି। ବୃନ୍ଦାବନଙ୍କ କହିବା କଥା ହେଲା, ତାଙ୍କୁ କୁଶଳୀ ଶ୍ରମିକ ଭାବେ କାରପେଣ୍ଟର କାମ ଅଲ ଆଜିଜା କମ୍ପାନୀରେ ଦେବା ପାଇଁ ଚୁକ୍ତି କରି ମଣିଷ ଚାଲାଣ ସର୍ଦ୍ଦାର ପଠାଇ ଥିଲେ। ମାତ୍ର ଏଠାରେ ସେ କମ୍ପାନୀରେ କାମ ନ ଥିବା ବେଳେ ଅନ୍ୟ ଏକ କମ୍ପାନୀରେ ଆମକୁ ସୁଇପର କାମ କରାଉଛନ୍ତି। ଆମେ ସଫେଇ କାମ କରିବୁ ନାହିଁ ବୋଲି କହିବାରୁ ଅମୀର ଆମକୁ ଗାଳିଗୁଲଜ କରିବା ସହ ମାରିବାକୁ ଧମକ ଦେଉଛନ୍ତି। ଆମେ ଦୁବାଇ ଆସିଥିବା ଟୁରିଷ୍ଟ ଭିସାର ଅବଧି ଗୁରୁବାର ସରିଯାଇଛି। ଆମକୁ କମ୍ପାନୀ ପକ୍ଷରୁ ଭିସା ଦିଆଯାଉନି କିମ୍ବା ଆମକୁ ଏଠାକୁ ପଠାଇଥିବା ମାନବ ଚାଲାଣକାରୀ ଠିକାଦାର ଫୋନ ରିସିଭ କରୁନାହାନ୍ତି ବୋଲି ବୃନ୍ଦାବନ ଟେଲିଫୋନ ଯୋଗେ ପତ୍ନୀ ସାରିତି ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ସାରିତି ରାଜନଗର ଥାନାରେ ଠିକାଦାର ତାଙ୍କ ସହ କରିଥିବା ଚୁକ୍ତିପତ୍ରର ନକଲ ସହ ଅଭିଯୋଗ କରିଛନ୍ତି। ମୋ ସ୍ୱାମୀଙ୍କୁ ସେଠାରେ ନିର୍ଯାତନା ଦିଆଯାଉଛି। ତାଙ୍କୁ ଉଦ୍ଧାର କରି ଗାଁକୁ ଫେରାଇ ଆଣିବା ସହ ଠିକାଦାର ନେଇଥିବା ଅର୍ଥ ଫେରସ୍ତ ଏବଂ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ବାଲିଝାରିର ଦେବେନ୍ଦ୍ର ଜେନାଙ୍କ ସ୍ତ୍ରୀ ଜିତୁଲତା ଜେନା ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଅଭିଯୋଗ କରିବା ସହ ଦୁବାଇରେ ମୋ ସ୍ୱାମୀଙ୍କୁ କୌଣସି କାମ ଦିଆ ନ ଯାଇ ନିର୍ଯାତନା ଦିଆଯାଉଛି। ସେଠାରେ ମୋ ସ୍ୱାମୀଙ୍କୁ ମାତ୍ର ଗୋଟିଏ ଓଳି ଖାଇବାକୁ ମିଳୁଛି। ମୋ ସ୍ୱାମୀଙ୍କ ଦୁଃସମୟରେ ପରିବାର ଓ ବୃଦ୍ଧ ଶ୍ୱଶୁର ମାନସିକ ଚାପରେ ଅଛୁ। ତୁରନ୍ତ ମୋ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରେ ଅଭିଯୋଗ ମିଳିଛି। ଏ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଉତ୍କଳୀୟ ଦରିଆପାରି ନୌବାଣିଜ୍ୟ ଜିଲାକୁ ସମୃଦ୍ଧ କରିଥିଲା


ବାରୁଣୀ ମହୋତ୍ସବରେ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ଓ ଅନ୍ୟମାନେ।


ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

**ଡେରାବିଶ, ୨୩।୩ (ସ୍ୱ.ପ୍ର.)**

**ଇନ୍ଦୁପୁର ବାରୁଣୀ ମହୋତ୍ସବର ୩ୟ ସନ୍ଧ୍ୟା**

ଉତ୍କଳୀୟ ଦରିଆପାରି ନୌବାଣିଜ୍ୟ ପରମ୍ପରା ସମଗ୍ର କେନ୍ଦ୍ରାପଡ଼ା ଜିଲାକୁ ସମୃଦ୍ଧ କରିଥିଲା। ଜାଭା, ବୋର୍ଣିଓ, ବାଲିଦ୍ୱୀପ, ଶ୍ରୀଲଙ୍କା ପ୍ରଭୃତି ଦେଶ ସହ କେନ୍ଦ୍ରାପଡ଼ା ଅଞ୍ଚଳର ସାଧବ ପୁଅଙ୍କ ବାଣିଜ୍ୟିକ ସମ୍ପର୍କ ଅତି ନିବିଡ଼ ଥିଲା ବୋଲି ଜଟଣୀର ବିଧାୟକ ସୁରେଶ କୁମାର ରାଉତରାୟ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ବାରୁଣୀ ଯାତ୍ରା ଅବସରରେ ଅନୁଷ୍ଠିତ ବାରୁଣୀ ମହୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ସାମାଜିକ କର୍ମୀ ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ରାଉତରାୟ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ। ତେବେ ଇନ୍ଦୁପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳର ବିକାଶ ପାଇଁ ଏବଂ ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଛାତ୍ର, ଯୁବକମାନେ ଅଣ୍ଟା ଭିଡ଼ିବା ସହ ଆଗକୁ ମାଡ଼ିଚାଲ ରାଉତରାୟଙ୍କ ବକ୍ତବ୍ୟ ଭରପୂର ଦର୍ଶକଙ୍କ ମଧ୍ୟରେ ଉଲ୍ଲାସ ଖେଳାଇ ଦେଇଥିଲା। ଐତିହାସିକ ବୌଦ୍ଧପୀଠ ରତ୍ନଗିରି ପାହାଡ଼ ସନ୍ନିକଟ ଇନ୍ଦୁପୁର ଅଞ୍ଚଳର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ୍ ବୋଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ବିଜୟ କୁମାର ନାୟକ, ପ୍ରଭାତ କୁମାର ଉଡାଣସିଂ ଯୋଗଦେଇ ଇନ୍ଦୁପୁରର ସଂସ୍କୃତି ଓ ପରମ୍ପରା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ମହୋତ୍ସବ କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର ସ୍ୱାଗତ ଭାଷଣ, କମିଟିର ସମ୍ପାଦକ ଦୁଷ୍ମନ୍ତ ମଲ୍ଲିକ ସମ୍ପାଦକୀୟ ବିବରଣୀ, ଅତିଥି ପରିଚୟ କବି ଶୈଳଜା ସାମଲ ଓ ମଦନ ମୋହନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ତେବେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଦେବେଶ ପତିଙ୍କ ସଙ୍ଗୀତ ପରିବେଷଣ ଏବଂ ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।

# କୋଲଣଗିରି ପିଇଓ ନିଲମ୍ବିତ

**ଚଣ୍ଡିଖୋଲ, ୨୩।୩(ଡି.ଏନ.ଏ.):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କୋଲଣଗିରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସଞ୍ଜିତ କର ଗୁରୁବାର ନିଲମ୍ବିତ ହୋଇଛନ୍ତି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପତ୍ର ସଂଖ୍ୟା ୩୯୭ରେ ତାଙ୍କୁ ନିଲମ୍ବିତ କରିଥିବା ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପଞ୍ଚାୟତ ଅର୍ଥ ହେରଫେର ଘଟଣାନେଇ ଅଭିଯୋଗ ପରେ ମଙ୍ଗଳବାର ତଦନ୍ତ କରାଯାଇଥିଲା। ତଦନ୍ତରେ ସତ୍ୟତାଥିବା ଜଣାପଡ଼ିଥିଲା। ଏହାପୂର୍ବରୁ ଉକ୍ତ ବ୍ଲକ ଅନ୍ତର୍ଗତ ମଝିପଡ଼ାର ପିଇଓ ପ୍ରଶାନ୍ତ ଜେନାଙ୍କୁ ଗତ ସୋମବାର ଜିଲାପାଳ ନିଲମ୍ବିତ କରିଥିଲେ। ଏଥିସହ ତାଙ୍କ ବିରୋଧରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଯେ ଏହି ଦୁଇ ପଞ୍ଚାୟତରେ ଅର୍ଥ ହେରଫେର ଘଟଣା ଘଟିଛି ତାହା ନୁହେଁ, ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହିଭଳି ଘଟଣା ଘଟିଥିବା ଖବର ପଦାକୁ ଆସିବା ଆରମ୍ଭ କଲାଣି। ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତରେ ଅର୍ଥ ହେରଫେର ନେଇ ଅଭିଯୋଗ ପରେ ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କୁ ସହଯୋଗ ମିଳି ନ ଥିଲା। ତଦନ୍ତକାରୀ ଅଧିକାରୀମାନେ ବୁଧବାର ପଞ୍ଚାୟତ ଅଫିସକୁ ଯାଇଥିବାବେଳେ ପିଇଓ କିମ୍ବା ସରପଞ୍ଚ ଆସି ନ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ତାଲା ପଡିଥିବା ଦେଖି ତଦନ୍ତକାରୀ ଅଧିକାରୀମାନେ ଫେରି ଆସିଥିଲେ।

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲା**

**ଜଗତସିଂହପୁର ଅଫିସ, ୨୩।୩**

୨୦୦୯ରେ ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିଲା। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ ଫୁଲବେଲାରୀ ଗ୍ରାମର ସମୀର ପୃଷ୍ଟିଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆସୋଶିଏଟ୍ ପିପି ସୁବାସ ମହାପାତ୍ର କହିଛନ୍ତି, ୨୨।୮। ୨୦୦୯ ରାତିରେ ସମୀର ପୀଡ଼ିତାଙ୍କ ପାଟିରେ ଗାମୁଛା ଭିଡି ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ । ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବା ସହ ପାଟି କଲେ ମାରିଦେବାର ଧମକ ଦେଇଥିଲେ। ଏହି ସମୟରେ ପୀଡ଼ିତା ପାଟିରୁ ଗାମୁଛା ଖୋଲି ଚିତ୍କାର କରିବାରୁ ଶାଶୁ ଓ ଶ୍ୱଶୁର ସେଠାରେ ପହଞ୍ଚ ଯାଇଥିଲେ । ଫଳରେ ସମୀର ଖସି ପଳାଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ଜଣେ ଗାଡି ଚାଳକ ହୋଇଥିବାରୁ ଅନ୍ୟତ୍ର ଯାଇଥିଲେ। ସେ ଫେରିବା ପରେ ୨୭। ୮।୦୯ରେ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏହା ଉପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ୧୧ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।


@ ଅର୍ଚ୍ଚନା ସାମଲ


@ ବାପି


@ ଶିବୁ


@ ଶୁଭସ୍ମିତା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତହସିଲ କର୍ମଚାରୀଙ୍କୁ ବାଲି ଫିଙ୍ଗିଲେ ଟ୍ରାକ୍ଟର ମାଲିକ

**ବରୀ, ୨୩।୩(ଡି.ଏନ.ଏ.):**

- ୨ କର୍ମଚାରୀ ଆହତ, ଥାନାରେ ମାମଲା
- ବେଆଇନ ବାଲି ଉତ୍ତୋଳନ ବେଳେ ଚଢ଼ାଉ କରିଥିଲେ

ବରୀ ତହସିଲ ଅଧୀନ ବ୍ରାହ୍ମଣୀ ନଦୀ ତଟସ୍ଥ ରାଜାତୋଟାଠାରେ ବୁଧବାର ବେଆଇନ ବାଲି ଉଠାଣକୁ ନେଇ ତହସିଲ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଜଣେ ଟ୍ରାକ୍ଟର ମାଲିକ ତହସିଲ ଅଫିସର ୨ କର୍ମଚାରୀଙ୍କ ଉପରକୁ ବାଲି ଫିଙ୍ଗିଛନ୍ତି। ଆଖିରେ ବାଲି ପଡ଼ିବାରୁ ଉଭୟ ଆହତ ହୋଇଛନ୍ତି। ଏନେଇ ବରୀ-ରାମଚନ୍ଦ୍ରପୁର ଥାନାରେ ସମ୍ପୃକ୍ତ କର୍ମଚାରୀମାନେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବେଆଇନ ବାଲି ଉଠାଣ ସମ୍ପର୍କରେ କେତେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବରୀ ତହସିଲଦାରଙ୍କୁ ଫୋନ୍ ମାଧ୍ୟମରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ତହସିଲଦାର ଚଢ଼ାଉ କରିବାକୁ ତହସିଲ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ବାଲିଆ ସର୍କଲ ରାଜସ୍ୱ ନିରୀକ୍ଷକ ଆଲୋକ ମଲ୍ଲିକ, ମନ୍ଦାରୀ ସର୍କଲ ରାଜସ୍ୱ ନିରୀକ୍ଷକ ବିଶ୍ୱ ହେମ୍ବ୍ରମ ଓ ତହସିଲ କର୍ମଚାରୀ ପର୍ଶୁ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବେଆଇନ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ସମୟରେ ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତ ଅଧୀନ କେଁକରଡ଼ା ଗ୍ରାମର ଟ୍ରାକ୍ଟରର ମାଲିକ ନରେନ୍ଦ୍ର ସାମଲ(ଡାଙ୍ଗୁଆ) ଉତ୍‌କ୍ଷିପ୍ତ ହୋଇ ଟ୍ରାକ୍ଟରରେ ଥିବା ବାଲିକୁ ତହସିଲ କର୍ମଚାରୀଙ୍କ ଉପରକୁ ଫୋପାଡ଼ିଥିଲେ। ଏଥିରେ ମନ୍ଦାରୀ ସର୍କଲ ରାଜସ୍ୱ ନିରୀକ୍ଷକ ହେମ୍ବ୍ରମ ଓ ତହସିଲ କର୍ମଚାରୀ ମଲ୍ଲିକ ଆହତ ହୋଇଥିଲେ। ଏତଦ୍‌ବ୍ୟତୀତ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ତହସିଲ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଗାଡ଼ି ଚଢ଼ାଇ ମାରି ଦେବାକୁ ଧମକ ଦେଇଥିଲେ। ତେଣୁ ତହସିଲ କର୍ମଚାରୀମାନେ ଭୟଭିତ ଅବସ୍ଥାରେ ଘଟଣାସ୍ଥଳରୁ ପଳାଇ ଆସି ଏ ସମ୍ପର୍କରେ ତହସିଲଦାର ତିଲୋତମା ପୃଷ୍ଟିଙ୍କୁ ଅବଗତ କରିଥିଲେ। ପରେ ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୯୮/୨୩ରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ତହସିଲଦାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ ବାଲି ଉଠାଣ ଖବର ପାଇ ମୋର କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲି। ସେମାନେ ଆହତ ହେବା ପରେ ମୋ ନିର୍ଦ୍ଦେଶକ୍ରମେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହଛନ୍ତି, ତହସିଲ କର୍ମଚାରୀଙ୍କ ଲିଖିତ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ତଦନ୍ତ ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଔଷଧୀୟ ବୃକ୍ଷ ଜିଲାରେ ଲୋପ ପାଉଛି

**କେନ୍ଦ୍ରାପଡା ଅଫିସ, ୨୩।୩**

- ସଚେତନତା ଅଭାବରୁ ଗଛ ଚିହ୍ନି ପାରୁନାହାନ୍ତି
- ଅଧିକ ଚାଷ ଲୋକଙ୍କୁ ଆର୍ଥିକ ପ୍ରଗତି ଦେଇପାରିବ


ତୁଳସୀ


ପାତାଳ ଗରୁଡ଼

ଜଳପଥ ଓ ଉର୍ବର ମୃତ୍ତିକା କେନ୍ଦ୍ରାପଡ଼ା ଜିଲାର ପ୍ରାକୃତିକ ପରିବେଶକୁ ସୁନ୍ଦର କରୁଛି। ଏହାସତ୍ତ୍ୱେ ଜାତୀୟ ଉଦ୍ୟାନ ଭିତରକନିକା ସମେତ ଗ୍ରାମ୍ୟ ଜଙ୍ଗଲରେ ଭରପୂର ଥିବା ଏହି ଜିଲାରେ ଏବେ ଔଷଧୀୟ ବୃକ୍ଷ ଲୋପ ହେବାକୁ ବସିଛି। ପୂର୍ବରୁ ଗ୍ରାମାଞ୍ଚଳ ଲୋକ ବିଭିନ୍ନ ପ୍ରକାର ଔଷଧୀୟ ଗଛ ଲଗାଇ ଏହାର ଚେର, ଫୁଲ, ଫଳ ଆଦିରୁ ରୋଗର ଉପଶମ କରୁଥିଲେ। ଏହାଦ୍ୱାରା ବହୁ ସ୍ଥାନରେ ଗ୍ରାମ୍ୟ ଜଙ୍ଗଲକୁ ଉପଯୋଗ କରାଯାଉଥିଲା। ତେବେ ବିଜ୍ଞାନର ଅଗ୍ରଗତି ପରେ ଏହି ଔଷଧୀୟ ବୃକ୍ଷ ଏବେ ଅଦରକାରୀ ମନେହେଉଛି। ଗଛର ଗୁଣ ଚିହ୍ନି ନ ପାରି ଲୋକେ କାଟି ସଫା କରି ଦେଉଛନ୍ତି। ଏଥିସହ କାଠ ମାଫିଆଙ୍କ ଦୌରାତ୍ମ୍ୟରେ ଔଷଧୀୟ ବୃକ୍ଷ ନଷ୍ଟ ହେଉଛି। ରାସାୟନିକ ସାର ଓ ଔଷଧ ଏ ପ୍ରକାର ଗଛକୁ ନଷ୍ଟ କରୁଛି। ସଚେତନତା ଅଭାବରୁ ସ୍ଥାନୀୟ ଲୋକେ ଏପ୍ରକାର ଗଛ ଚିହ୍ନି ପାରୁ ନ ଥିବା ବେଳେ ଏହାକୁ ଅଧିକ ମାତ୍ରାରେ ଚାଷ କଲେ ଜିଲାର ଆର୍ଥିକ ପ୍ରଗତିରେ ଏକ ଉଦାହରଣ ସୃଷ୍ଟି କରିପାରିବ ବୋଲି ସ୍ଥାନୀୟ ଅଚଳର ଆୟୁର୍ବେଦିକ ଡାକ୍ତର, ଗବେଷକ ଓ ବୟସ୍କ ଲୋକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟୁର୍ବେଦିକ ଡାକ୍ତର ଭବାନୀ ଶଙ୍କର ସାମଲ, ଡା. ବୀରେନ୍ଦ୍ର କୁମାର ଦାଶ, ଗବେଷକ ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ, ମନୋଜ କୁମାର ସିଂହ ପ୍ରମୁଖ କହିଛନ୍ତି ଯେ ଦୈନନ୍ଦିନ ଜୀବନରେ ସ୍ଥାନୀୟ ବୃକ୍ଷ ରୋଗ ଉପଶମରେ ବହୁ ଉପଯୋଗୀ। ମାତ୍ର ଜିଲାରେ ବହୁଳ ଭାବେ ମିଳୁଥିବା ତୁଳସୀ, ବଚ, ବ୍ରାହ୍ମୀ ବା ପାଣିକୁଣ୍ଡି, ଶଙ୍ଖପୁଷ୍ପି, ଥାଲକୁଡି, ବିଲଚିଙ୍ଗା, କେଶୁଟା, କୋଇଲିଖିଆ, କଳମ, ଆମ୍ବକଷିଆ ଦଳ, ନାଗୁଆରୀ, ସୁନୁସୁନିଆ, ପାଣି ଲାଜକୁଳି, ଗାଇଚିରା, କେଶରମୂଳ, ଭୂଇଁ କଦମ୍ବ, ପାଣି ସିଙ୍ଗଡ଼ା, ପାଣି ଶିଉଳି ଆଦି ଲୋପ ପାଇବାକୁ ବସିଛି। ସନ୍ତସନ୍ତିଆ ସ୍ଥାନରେ ଏସବୁ ଗଛ ମିଳୁଥିବା ବେଳେ ପାଇରିଆ, ଝାଡ଼ା, ବାନ୍ତି, ଡାଇବେଟିସ, ଜ୍ୱର, ଥଣ୍ଡା, କାମଳ ଆଦି ବହୁ ରୋଗକୁ ଉପଶମ କରିବା ଯୋଗ୍ୟତା ରଖିଛି। ସେହିପରି ପରିତ୍ୟକ୍ତ ସ୍ଥାନରେ ଭୂଇଁନିମ୍ବ, ଛତୁଆରୀ, ଦଶକେରନ୍ତା, ଲଟାକରଞ୍ଜ, ଖରଖରୀ, ବିଛାମାଳିଆ, ଅଗ୍ନିଶିଖା, ମଦନମସ୍ତକ, ତିହୁଡି, ପଶାରୁଣି, ପାତାଳଗରୁଡ, ଗୋଖର , ବଣ ବେଗୁନିଆ ଆଦି ଉଠିଥାଏ। ଏସବୁ ଔଷଧୀୟ ବୃକ୍ଷ ଭୁଲାରୋଗ, କଫ, ଡାଇବେଟିସ, ଟ୍ୟୁମର ଆଦି ରୋଗର ନିଦାନ ହେଉଥିଲା। ବଣୁଆ ସ୍ଥାନରେ ଥିବା ଗୁଡମାରୀ ଡାଇବେଟିସ ପାଇଁ ବ୍ୟବହାର ହେଉଥିବା ବେଳେ ଦୁଲାଳ ଚମ୍ପା କଫ ନିରୋଧକ। ମେଡିମୋଡିକା, ଜିତାପରୁ, ଭୂଇଁକଖାରୁ, ବଣପିଆଜ ଆଦି ପୂର୍ବରୁ ଔଷଧ ରୂପେ ବ୍ୟବହାର ହେଉଥିଲା। ଏହାବ୍ୟତୀତ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ହଜାରରୁ ଅଧିକ ଔଷଧୀୟ ବୃକ୍ଷ ଅଛି। ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ ଏହାର ଆବଶ୍ୟକତା ଅଛି। ନିମ୍ବ, ବାହାଡା, ହରିଡା, ଗରୁଡଗୋବିନ୍ଦ, ବଉଳ, ଡାଳିମ୍ବ, ପୋଦିନା, ବିଶଲ୍ୟକରଣୀ ଆଦି ଔଷଧୀୟ ବୃକ୍ଷ ଏହି ଜିଲାରେ ଏବେ ଦେଖିବାକୁ ମିଳୁନାହିଁ। ପୂର୍ବରୁ ନିମ୍ବ କଡ଼କୁ ଭାଜି ଲୋକମାନେ ଭାତ ସହ ଖାଉଥିଲେ। ଫଳରେ ଲୋକମାନଙ୍କ ଚର୍ମରୋଗ କମ୍ ଦେଖାଯାଉଥିଲା। ସେହିପରି ନିମ୍ବଛେଲିକୁ ସିଝାଇ ଏହାର ପାଣିରେ ଗାଧୋଇଲେ କାଛୁ କୁଣ୍ଡିଆ ପରି ରୋଗ ଭଲ ହୋଇଥାଏ। ଡାଳିମ୍ବ, ପୋଦିନା, ବିଶଲ୍ୟକରଣୀ ଏବେ ବି ଲୋକଙ୍କର ପ୍ରିୟ ହୋଇରହିଛି। ତେବେ ଏହି ଗଛ କ୍ୱଚିତ ସ୍ଥାନରେ ମିଳୁଛି । ଔଷଧୀୟ ବୃକ୍ଷ ରୋପଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରିଛନ୍ତି। ଔଷଧୀୟ ଗଛର ସୁରକ୍ଷା ପାଇଁ ପାଠପଢ଼ାରେ ଏହାକୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଜିଲାରେ ଏ ନେଇ ସଚେତନତା ସୃଷ୍ଟି କରି ବହୁଳ ମାତ୍ରାରେ ଚାଷ କରାଗଲେ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବା ସହ ଆୟୁର୍ବେଦିକ ମେଡିସିନ ବିଜ୍ଞାନାଗାର ପ୍ରତିଷ୍ଠା ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି।

# ୪ ଚିରସ୍ରୋତା ଝରଣା ପାଇବ ଇକୋ ଟୁରିଜମ୍‌ର ମାନ୍ୟତା

**ନୟାଗଡ ଅଫିସ/ଓଡ଼ଗାଁ,୨୩।୩(ସ୍ୱ.ପ୍ର.)**

## ମନ୍ତ୍ରୀ, ୩ ବିଧାୟକ ସ୍ଥାନ ପରିଦର୍ଶନ କରି ଫେରିଲେ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତର ଗୋଟିଏ ପାହାଡ଼ରେ ୪ ଚିରସ୍ରୋତା ଝରଣକୁ ଦେଖିବାକୁ ଗୁରୁବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ନୟାଗଡ଼ ବିଧାୟକ ଅରୁଣ ସାହୁ ପ୍ରମୁଖ ଯିବା ପରେ ଇକୋ ଟୁରିଜିମର ମାନ୍ୟତା ପାଇଁ ଧୀରେ ଧୀରେ ବାଟ ଫିଟୁଛି। ସେପଟେ ସ୍ଥାନୀୟ ଅଞ୍ଚଳବାସୀ ଇକୋ ଟୁରିଜମ୍‌ର ମାନ୍ୟତାକୁ ଖୁବ୍‌ଶୀଘ୍ର ଦେବାକୁ ନୟାଗଡ଼ ବିଧାୟକଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଗତ ୨ ତାରିଖରେ ନୟାଗଡ଼ ବିଧାୟକ ଓ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ବିଡିଓ ସନ୍ତୋଷ କୁମାର ଜେନା, ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ, ତହସିଲଦାର ଅନୀଲ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଗସ୍ତ କରି ଇକୋ ଟୁରିଜିମର ଦାବିକୁ ଯଥାର୍ଥ କହିଥିଲେ। ପ୍ରକାଶ ଯେ, ପର୍ଯ୍ୟଟକଙ୍କୁ ଟାଣି ଆଣିବାର ପରିବେଶ ରହିଛି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନିହଳପ୍ରସାଦ ଗାଁରେ। ଏଠାର ଶିଶୁପୁତ୍ର, ବରକନ୍ୟା, ଶାଶୁ ଶ୍ୱଶୁର, ହଳଶଗଡ଼ ପରି ୪ ଚିରସ୍ରୋତା ଝରଣା ଓ କାନଖାଇ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ଶରଣକୁଳ-ଓଡ଼ଗାଁ ରାସ୍ତାର କେନାଲ ଛକଠାରୁ ବୁଢ଼ାବୁଢ଼ିଆଣି ଡ୍ୟାମ ୫ କିମି ଓ ବୁଢ଼ାବୁଢ଼ିଆଣି ଡ୍ୟାମଠାରୁ ୪ କମି ଗଲେ ପଡ଼େ ଏହି କାନଖାଇ ପାହାଡ। କାନଖାଇ ପାହାଡର ପାଦ ଦେଶରୁ ଶିଖର ପର୍ଯ୍ୟନ୍ତ ବହୁଛି ୪ ଚିରସ୍ରୋତା ଝରଣା। କାନଖାଇ ପାହାଡ ଉପରି ଭାଗରେ ଶାଶୁ ଶ୍ୱଶୁର, ପରେ ହଳଶଗଡ଼, ବରକନ୍ୟା ଓ ପାଦ ଦେଶରେ ବହୁଛି ଶିଶୁପୁତ୍ର ଝରଣା। ଏହି ଝରଣାର ଜଳ ସବୁବେଳେ କୁଳୁକୁଳୁ ନାଦରେ ବହି ଚାଲିଥାଏ। ଔଷଧୀୟ ବୃକ୍ଷ ମଧ୍ୟ ପାହାଡର ଶୋଭା ବଢ଼ାଉଛି। ଗ୍ରୀଷ୍ମଋତୁରେ ଏଠାକାର ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆମୋଦ ଦେଇଥାଏ। ଗ୍ରୀଷ୍ମ ଋତୁରେ ଶୀତର ପ୍ରକୋପ ଏଠାରେ ଜଣାପଡେ। ଦିନବେଳା ଏଠାରେ ରାତିର ଭ୍ରମ ସୃଷ୍ଟି କରିଥାଏ। ତେବେ ଏଠାକାର ପରିବେଶରେ ଇକୋ ଟୁରିଜିମ ଅଥବା ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମି ରହିଥିବାବେଳେ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ଉଦାସୀନର କାରଣ ବୁଝାପଡୁନି। ଓଡ଼ିଶାରେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ଜଙ୍ଗଲ ବିଭାଗ ଓ ପର୍ଯ୍ୟଟନ ବିଭାଗ ହାତ ମିଳାଇଥିବାବେଳେ ସମ୍ପୃକ୍ତ ପୀଠ ବିକାଶଠାରୁ ବହୁ ଦୂରରେ ରହିଛି। ଏ ନେଇ ନୟାଗଡ ବିଧାୟକ ସାହୁ କୁହନ୍ତି, ରିଜର୍ଭ ଫରେଷ୍ଟ ଭିତରେ ଗୋଟିଏ ମୁଣ୍ଡିଆରେ ୪ଟି ଚରିସ୍ରୋତା ଝରଣା ରହିଥିଲେ ହେଁ ଏହା ନଜରକୁ ଆସି ନ ଥିଲା। ନଜରକୁ ଆସିବା ପରେ ଏହାର ବିକାଶ କରିବାର ଆବଶ୍ୟକତା ପଡିଲାଣି। ପ୍ରକୃତରେ ସମ୍ପୃକ୍ତ ସ୍ଥାନ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ବନ ବିଭାଗ ସହ ଆଲୋଚନା ହୋଇଛି। ଏହାକୁ ଇକୋ ଟୁରିଜିମ ରୂପେ ଘୋଷଣା କରାଯିବାକୁ ପଦକ୍ଷେପ ନିଆଯିବ।



ଗୁରୁବାର ଓଡ଼ଗାଁ ବ୍ଲକ ନିହଳପ୍ରସାଦ ଗାଁର କାନଖାଇ ପାହାଡ଼ରୁ ବାହାରିଥିବା ଝରଣା ନିକଟରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ।

# ୧୨ ଫୁଟର ଅହିରାଜ ଉଦ୍ଧାର

**ଦଶପଲ୍ଲା,୨୩।୩(ଡି.ଏନ.ଏ.)**



ଦଶପଲ୍ଲା ବନାଞ୍ଚଳ ଅଧୀନ କଇମ ଗାଁରୁ ଉଦ୍ଧାର ହୋଇଛି ୧୨ଫୁଟରୁ ଅଧିକ ଲମ୍ବ ଅହିରାଜ ସାପ। ମିଳିଥିବା ସୂଚନା ଅନୁଯାୟୀ, କଇମ ଗାଁର ପଞ୍ଚାନନ ଆଶ୍ରମ ନିକଟରେ ଏକ ଗ୍ରାମୀଣ ବଜାର ରହିଛି। ବଜାରର ଘର ଭିତରେ ଏକ ଅହିରାଜ ପଶି ଯାଇଥିଲା। ଏହା ଜଣାପଡ଼ିବା ପରେ ଲୋକମାନେ ସାପକୁ ଦେଖି ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଅହିରାଜ ସାପକୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ସାପକୁ ବନ କର୍ମଚାରୀ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

# ସ୍ଥାୟୀ ସଭାଗୃହ ନିର୍ମାଣ ନ ହେଲେ ଆନ୍ଦୋଳନ

**ଗଣିଆ, ୨୩।୩ (ଡି.ଏନ୍.ଏ.)**

ରାଜ୍ୟ ସରକାର ନାରୀମାନଙ୍କୁ ଆତ୍ମନିର୍ଭରଶୀଳ ସହ ସଶକ୍ତୀକରଣ ହେବା ପାଇଁ ମିଶନଶକ୍ତି ବିଭାଗ ଜରିଆରେ ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରେ ନାରୀମାନଙ୍କୁ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିର୍ମାଣ କରାଯାଇଛି। ମିଶନଶକ୍ତି ପକ୍ଷରୁ ଚାଲିଥିବା ବିଭିନ୍ନ ତାଲିମ ଓ ବୈଠକ କାର୍ଯ୍ୟକ୍ରମ ପାଇଁ ପ୍ରତି ସପ୍ତାହରେ ମହିଳା ସଭ୍ୟାମାନେ ଏକତ୍ରିତ ହେଉଛନ୍ତି। ହେଲେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ମିଶନଶକ୍ତି ଗୃହ ନ ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଅନେକ ସମୟରେ କାହା ବାରଣ୍ଡା, ଗଛ ତଳେ କିମ୍ବା କାହା ଘରେ ବୈଠକ କରୁଥିବା ଦେଖାଯାଇଛି। ତେବେ ଗୁରୁବାର ସ୍ଥାନ ଅଭାବରୁ ଛାମୁଣ୍ଡିଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ୫୦ଜଣ ମହିଳା ବସି ବୈଠକ କରୁଥିବା ଦେଖାଯାଇଥିଲା। ତେବେ ମିଶନଶକ୍ତି ପକ୍ଷରୁ ନୂତନ ଗୃହ ନିର୍ମାଣ ପାଇଁ ୩ ବର୍ଷ ଧରି ବ୍ୟୟ ବରାଦ ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ ଆନ୍ତରିକତା ନ ଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ମହାସଂଘର ସଭାନେତ୍ରୀ ଅନସୂୟା ବେହେରା କହିଛନ୍ତି। ସେହିପରି କିଛିବର୍ଷ ଧରି ଛାମୁଣ୍ଡିଆ ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ ଅନୁମତିକ୍ରମେ ଏକ ସଭାଗୃହ ମହାସଂଘକୁ ପ୍ରଦାନ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ତଳେ ପୂର୍ବତନ ସରପଞ୍ଚ ସେଠାରେ ଏକ ବ୍ୟାଙ୍କ ଖୋଲାଯିବ କହି ସେହି ସଭାଗୃହକୁ ଏକ ଅର୍ଥ ଲଗାଣକାରୀ ସଂସ୍ଥାକୁ ବେଆଇନ ଭାବେ ଭଡ଼ା ଦେଇଛନ୍ତି। ଏ ନେଇ ମହାସଂଘ ପକ୍ଷରୁ ଗଣିଆ ବିଡିଓଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସଂଘର ସବିତା ସାହୁ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ମହାସଂଘର ବୈଠକ ନିମିତ୍ତ ସ୍ଥାୟୀ ଗୃହ ନିର୍ମାଣ ସାଙ୍ଗକୁ ଅସ୍ଥାୟୀ ଭାବେ ଏକ ସଭାଗୃହ ଯୋଗାଇ ଦିଆ ନ ଗଲେ ମହାସଂଘର ୫୦୦ରୁ ଊର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ସଭାନେତ୍ରୀ ସୂଚନା ଦେଇଛନ୍ତି।



ମିଶନ ଶକ୍ତିର ମହିଳାମାନେ ସଭା ଗୃହ ନ ଥିବାରୁ ବାହାରେ ବସି ବୈଠକ କରୁଛନ୍ତି।

# ଦଶପଲ୍ଲା ପିଙ୍ଗି ଛକରୁ ହରିଣ ଉଦ୍ଧାର



ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ନେଉଥିବା ହରିଣ।

**ଦଶପଲ୍ଲା ୨୩।୩ (ଡି.ଏନ.ଏ.)**

ଗୁରୁବାର ସନ୍ଧ୍ୟାରେ ଦଶପଲ୍ଲା ସହରର ପିଙ୍ଗି ଛକସ୍ଥିତ ଏକ ଘରୁ ବନ ବିଭାଗ ପକ୍ଷରୁ ୫ ବର୍ଷର ଏକ ମାଇ ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ଜଙ୍ଗଲରୁ ବାଟବଣା ହୋଇ କିମ୍ବା ଭୟଭୀତ ହୋଇ ସହର ଅଭିମୁଖେ ପଳାଇ ଆସି ଜଣେ ବ୍ୟକ୍ତିଙ୍କ ଘରେ ସନ୍ଧ୍ୟାରେ ପଶି ଯାଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ସଦର ଫରେଷ୍ଟର ଶ୍ରବଣ କୁମାର ବଳିଆର ସିଂହ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହରିଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରାଣୀଧନ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ହରିଣଟି ଚିକିତ୍ସାଧୀନ ଥିଲେ ମଧ୍ୟ ସୁସ୍ଥ ଅଛି। ଶୁକ୍ରବାର ଜଙ୍ଗଲରେ ଛଡାଯିବ ବୋଲି ସଦର ଫରେଷ୍ଟରଙ୍କ ସୂତ୍ରରୁ ଜଣାପଡିଛି।

# ରୋଷେଇଘରୁ ନିଆଁ ଲାଗି ୨ ବଖରା ଜଳିଗଲା

**ଓଡ଼ଗାଁ/ନୂଆଗାଁ, ୨୩।୩ (ସ୍ୱ.ପ୍ର./ଡି.ଏନ.ଏ.)**

ରୋଷେଇ ଘର ଚୁଲିରୁ ନିଆଁ ଝୁଲ ଉଠି ଚାଳରେ ଲାଗିବାରୁ ଗୁରୁବାର ୨ବଖରା ପୋଡି ପାଉଁଶ ହୋଇଯାଇଛି। ଓଡ଼ଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ସୂଚନା ମୁତାବକ, ଓଡ଼ଗାଁ ଥାନା ଓ ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ବେରୁଆବାରୀ ପଞ୍ଚାୟତର ମାଣ୍ଡୁଖମଣ ଗାଁର ପୀତବାସ ଜାନୀ ଘରେ ଅପରାହ୍ନ ୫ ଟାରେ ଏହି ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସମ୍ଭବ ହୋଇ ପାରି ନ ଥିଲା। ଫଳରେ ଓଡ଼ଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗି ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ନିଆଁ ଲାଗି ପୋଡ଼ିଯାଇଥିବା ଘର।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା ସାମଲ



@ ବାପି



@ ଶିବୁ



@ ଶୁଭସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଦ୍ୱିତୀୟ ଜନ ଆରୋଗ୍ୟ ସମିତି ବୈଠକ

**ଖଣ୍ଡପଡ଼ା,୨୩।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଗୁରୁବାର ୨ୟ ଜନ ଆରୋଗ୍ୟ ସମିତି ବୈଠକ ଜିଲା ପରିଷଦ ସଭ୍ୟା ତଥା ଜନ ଆରୋଗ୍ୟ ସମିତିର ଅଧ୍ୟକ୍ଷା ଉଜ୍ଜଳ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ ଗତ ୨୦୨୨ ଜୁନ ୧୦ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଜନ ଆରୋଗ୍ୟ ସମିତିର ବିବରଣୀ ପାଠ କରିବା ପରେ ଏହାକୁ ଦୃଢ଼ୀକରଣ କରାଯାଇଥିଲା। ଏ ଅବସରରେ ୨୦୨୩-୨୪ ବର୍ଷର ଆର୍ଥିକ ବଜେଟ ଉପସ୍ଥାପିତ କରାଯାଇଥିଲା। ଏହାଛଡା ଆୟୁଷ କୋଠରୀ ପାଇଁ ଏକ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କିଣିବା, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କ ତାଲିମ ପ୍ରଦାନ ପାଇଁ ପ୍ରୋଜେକ୍ଟର କ୍ରୟ କରିବା, କାର୍ଯ୍ୟକ୍ଷମ ହେଉ ନ ଥିବା ୨ଟି ଏସି ମରାମତି କରିବା, ଅଫିସ ପାଇଁ ୩ଟି ଚେୟାର କ୍ରୟ କରିବା, ଆବଶ୍ୟକ ହେଉଥିବା ଶୌଚାଳୟ ନିର୍ମାଣ, ଦୀର୍ଘ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାୟିତ୍ୱରେ ଥିବା ଜଣେ ସଫେଇ କର୍ମଚାରୀ କାର୍ଯ୍ୟ ସମ୍ପାଦନ କରୁ ନ ଥିବାରୁ ଜଣେ ସଫେଇ କର୍ମଚାରୀ ନିଯୁକ୍ତି, ଦୀର୍ଘବର୍ଷ ହେବ ପଡ଼ି ରହିଥିବା ଆମ୍ବୁଲାନ୍ସ ଗାଡ଼ିକୁ ନିଲାମ ସୂତ୍ରରେ ବିକ୍ରି କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ ସହିତ ଆବଶ୍ୟକ ଆନୁଷଙ୍ଗିକ ଆସବାବପତ୍ର, ରୋଗୀଙ୍କ ପାଇଁ ସର୍ଜିକାଲ ଉପକରଣ କ୍ରୟ କରାଯିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନ୍ୟତ୍ର ଡେପୁଟେଶନରେ ଯାଇଥିବା ୨ଜଣ ଷ୍ଟାଫ ନର୍ସଙ୍କୁ ଫେରାଇ ଆଣିବାକୁ ଆଲୋଚନା ହୋଇଥିଲା। ସମ୍ପୃକ୍ତ ଷ୍ଟାଫ ନର୍ସ ୨ଜଣଙ୍କ ଡେପୁଟେଶନକୁ ବାତିଲ କରାଯାଇ ସୋମବାର ଏଠାରେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଉପସ୍ଥିତ ଥିବା ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିଷାର ପଣ୍ଡା ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟିଲୋ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟାଧିକାରିଣୀ ଡା. ଏଲୋରା ଦାସ, ଡାକ୍ତର ସମିତ ଜେନା, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ବଡ଼ବାଣପୁର ସରପଞ୍ଚ ପ୍ରତିନିଧିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ସବସେଣ୍ଟରର କର୍ମଚାରୀ ଓ ସ୍ଥାନୀୟ ମେଡ଼ିକାଲ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଡା. ଦାସ ଧନ୍ୟବାଦ ଦେଇଥିଲେ।





ବୈଠକରେ ଉପସ୍ଥିତ ଅତିଥିମାନେ।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ଗ୍ରାମବାସୀ ତାଲା ପକାଇଲେ

**ଗଣିଆ, ୨୩।୩ (ଡି.ଏନ୍.ଏ.)**

କିଛିଦିନ ତଳେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ପବନ ଯୋଗୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ ସରବରାହରେ ସମସ୍ୟା ଦେଖାଦେବା ସହ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ଟ୍ରାନ୍ସଫର୍ମର ପୋଡ଼ି ଯିବା ଯୋଗୁ ସମ୍ପୃକ୍ତ ଅଞ୍ଚଳର ଲୋକେ ଅନ୍ଧକାର ମଧ୍ୟରେ କାଳାତିପାତ କରୁଛନ୍ତି। ନୟାଗଡ଼ ଜିଲା ଗଣିଆ ବ୍ଲକର ଆଡ଼କଟା ପଞ୍ଚାୟତ କାଳିକାପ୍ରସାଦ ଗାଁରେ ୮ ଦିନ ଧରି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ଫଳରେ ଗ୍ରାମର ୪୫ଟି ପରିବାର ୮ଦିନ ଧରି ଅନ୍ଧାରରେ ଦିନ କାଟୁଛନ୍ତି। ବିଶେଷକରି ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଚାଲୁ ରହିଥିବା ବେଳେ ବିଦ୍ୟୁତ୍ ସମସ୍ୟା ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଗ୍ରାମର ପ୍ରକାଶ ସ୍ୱାଇଁ କହିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଲିଖିତ ତଥା ମୌଖିକ ଭାବେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ପୂର୍ବାହ୍ନରେ ଗ୍ରାମବାସୀ ଗଣିଆ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ମୁଖ୍ୟ ଫାଟକ ତାଲା ପକାଇବା ସହ ଆନ୍ଦୋଳନ କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଗଣିଆ ଥାନା ଏସ୍‌ଆଇ ବୀରେନ୍ଦ୍ର କୁମାର ଦେହୁରୀ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଗୁରୁବାର ରାତ୍ରି ସୁଦ୍ଧା କାଳିଆପଡା ଗାଁରେ ଟ୍ରାନ୍ସଫର୍ମର ଲାଗିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

## ୩ ଦିନ ଧରି ଛାମୁଣ୍ଡିଆ ବଜାର ଅନ୍ଧାର

ଅନ୍ୟପକ୍ଷେ ଛାମୁଣ୍ଡିଆ ପଞ୍ଚାୟତର ଛାମୁଣ୍ଡିଆ ବଜାର ଓ କୁଳିସାହି ପାଇଁ ଲାଗିଥିବା ଟ୍ରାନ୍ସଫର୍ମରଟି ୪ ଦିନ ଧରି ପୋଡ଼ି ଯାଇଥିବା ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସୂଚନା ପାଇଥିବା ବେଳେ ଏଯାଏ ଟ୍ରାନ୍ସଫର୍ମର ଲାଗିନାହିଁ। ଫଳରେ ଛାମୁଣ୍ଡିଆ ବଜାର ଓ କୁଳିସାହି ବାସିନ୍ଦା ଅନ୍ଧାରରେ ରହିଛନ୍ତି। ଆଲୋକ ନ ଥିବାରୁ ଛାମୁଣ୍ଡିଆ ବଜାର ସନ୍ଧ୍ୟା ହେଲେ ଜନଶୂନ୍ୟ ହୋଇପଡିଥିବା ଦେଖାଯାଉଛି। ତେବେ ଆସନ୍ତା ୨ଦିନ ମଧ୍ୟରେ ଛାମୁଣ୍ଡିଆ ବଜାର ଟ୍ରାନ୍ସଫର୍ମର ନ ଲଗାଗଲେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।





ଗଣିଆ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ମୁଖ୍ୟ ଫାଟକ କାଳିକାପ୍ରସାଦ ଗାଁର ଲୋକମାନେ।

